

# ମନର ବଶୀକରଣ

ଆପଣା ଚିନ୍ତାଧାରାକୁ ପ୍ରଶିକ୍ଷିତ କରିବା

ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱ୍ୱାଲର୍ଡ୍ ଆଉଟ୍ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍ରେ, ସେମିନାର୍ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**The Conquest of the Mind (Odia)**

# ମନର ବଶୀକରଣ

ଆପଣା ଚିନ୍ତାଧାରାକୁ ପ୍ରଶିକ୍ଷିତ କରିବା

## ଏହି ଅଧ୍ୟୟନ ରୂପରେଖକୁ କିପରି ବ୍ୟବହାର କରିବେ

ଏହି ଅଧ୍ୟୟନ ରୂପରେଖକୁ ବ୍ୟକ୍ତିଗତ ଅଧ୍ୟୟନ, କ୍ଷୁଦ୍ର ଦଳରେ ଆଲୋଚନା ବା ଅଭିଭାଷଣ/ ସେମିନାର୍/ ସଭାସମିତିରେ ଟୀକା ଭାବରେ ବ୍ୟବହାର କରାଯାଇପାରିବ । ଯଦି ବ୍ୟକ୍ତିଗତ ବା କ୍ଷୁଦ୍ରଦଳରେ ଅଧ୍ୟୟନ ନିମନ୍ତେ ଏହା ବ୍ୟବହାର କରିବେ, ତେବେ ପ୍ରଥମେ ଶାସ୍ତ୍ରାଂଶଗୁଡ଼ିକୁ ପଢ଼ନ୍ତୁ, ସେଠାରେ ରହିଥିବା ଟିପ୍‌ପଣୀସବୁକୁ ପଢ଼ନ୍ତୁ, ଚିନ୍ତା କରନ୍ତୁ, ବିଚାର କରନ୍ତୁ, ଆଲୋଚନା କରନ୍ତୁ, ପବିତ୍ର ଆତ୍ମାଙ୍କର କଥା ଶୁଣନ୍ତୁ, ବ୍ୟକ୍ତିଗତ ଅନ୍ତର୍ଦୃଷ୍ଟିସବୁକୁ ଲେଖିରଖନ୍ତୁ, ଶିକ୍ଷା କରିଥିବା ସତ୍ୟର ବ୍ୟକ୍ତିଗତ ପ୍ରୟୋଗ ବିଷୟରେ ବିଚାର କରନ୍ତୁ ଏବଂ ଯାହାସବୁ ଶିକ୍ଷା କଲେ ସେଥିନିମନ୍ତେ ପ୍ରାର୍ଥନା କରନ୍ତୁ ।

# ସୂଚୀପତ୍ର


**୧. ଉପକ୍ରମଣିକା** ୧

**୨. ମନ - ବାଇବଲର ଦୃଷ୍ଟିରେ** ୨

୨.୧ ମନର ସଜ୍ଞା ୨

୨.୨ ମନର ଗୁରୁତ୍ୱ ୨

୨.୩ ମନର ସମସ୍ୟା କ୍ଷେତ୍ରଗୁଡ଼ିକ ୨

୨.୪ ମନର ତିନୋଟି ଅବସ୍ଥା ୩

**୩. ମନ - ଏକ ଯୁଦ୍ଧକ୍ଷେତ୍ର** ୬

୩.୧ ଶାରୀରିକ ଅଭିଳାଷଗୁଡ଼ିକ ପାପ ବିରୁଦ୍ଧରେ ଯୁଦ୍ଧକରେ ୬

୩.୨ ପରୀକ୍ଷା ପ୍ରଲୋଭନ ପ୍ରକ୍ରିୟା ୬

୩.୩ ଶୟତାନର ବିଭିନ୍ନ କୌଶଳ ୭

୩.୪ ଶତ୍ରୁ କିପରି ଆମକୁ ପରୀକ୍ଷା କରେ ଜାଣିବା ୮

୩.୫ କାମନାର ତିନୋଟି କ୍ଷେତ୍ର ୯

୩.୬ ଦୃଢ଼ଗଡ଼ସବୁ ଗଠିତ ହେବା ସମ୍ପର୍କରେ ଜାଣିବା ୧୦

୩.୭ ବିପଜ୍ଜନକ ଅଗ୍ରଗତି ୧୨

୩.୮ ଆମମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର ୧୨

୩.୯ ପରିତ୍ରାଣରୂପ ଶିରସ୍ତ୍ରାଣ ୧୩

୩.୧୦ ମନମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ୧୪

୩.୧୧ ମନକୁ ବଶରେ ରଖିବା - ଶାରୀରିକ କାମନାସବୁ ସହିତ ଯୁଦ୍ଧ କରିବା ୧୪

୩.୧୨ ମନକୁ ବଶରେ ରଖିବା - ଅଗ୍ନିବାଣସବୁକୁ ନିର୍ବାଣ କରିବା ୧୫

୩.୧୩ ଲୋକମାନେ ଯାହାସବୁ କହନ୍ତି ୧୫

୩.୧୪ ଦୁଶ୍ଚିନ୍ତାକୁ ଜୟ କରିବା ୧୫

୩.୧୫ ଦୃଢ଼ଗଡ଼ସବୁକୁ ଭୂମିସାତ୍ କରିବା ୧୬

୩.୧୬ ଧର୍ମଶାସ୍ତ୍ର ଆମକୁ ସାହାଯ୍ୟ କରେ ୧୬

**୪. ମନର ନୂତନୀକରଣ** ୧୮

୪.୧ ପୁନର୍ଜନ୍ମ ପୂର୍ବରୁ ଆମ ମନର ଅବସ୍ଥା କ'ଣ ଥିଲା ୧୮

୪.୨ ମନର ନୂତନୀକରଣ କ'ଣ ? ୧୯

୪.୩ ଆମର ମନ ଉପରେ ବାକ୍ୟର ପ୍ରଭାବ ୨୧

୪.୪ ଆମର ମନକୁ ନୂତନୀକରଣ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ? ୨୨

୪.୫ ଶିକ୍ଷା କରିବାର ପ୍ରକ୍ରିୟା ୨୪

୪.୬ ଈଶ୍ୱରଙ୍କ ବାକ୍ୟର ଧ୍ୟାନ ୨୪

୪.୭ ଶାସ୍ତ୍ରାଂଶ ମୁଖସ୍ଥ କରିବାର ଶୃଙ୍ଖଳା ୨୫

୪.୮ ଆମର ପ୍ରତିକୃତିରେ ପୁଣି ଥରେ ରଙ୍ଗ ଲଗାଇବା ୨୬

୪.୯ ଅତୀତର ନକାରାତ୍ମକ ବିଷୟଗୁଡ଼ିକର ପ୍ରତିକାର ୨୯

୪.୧୦ ଭୁଲ ମାନସିକତାକୁ ଦୂର କରିବା ୨୯

୪.୧୧ ମନକୁ ସୁରକ୍ଷା ପ୍ରଦାନ କରିବା ୨୯

୪.୧୨ ନୂତନରୂପେ ଗଠିତ ମନ ୩୦

୪.୧୩ ଖ୍ରୀଷ୍ଟଙ୍କ ମନ ୩୦

୪.୧୪ ଏକ ମନ ବିଶିଷ୍ଟ ଲୋକମାନେ ୩୧

**୫. ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବିକଶିତ କରିବା** ୩୨

୫.୧ ଆମେ କିପରି ଚିନ୍ତା କରୁ ତା'ର ପ୍ରଭାବ ୩୨

୫.୨ ଈଶ୍ୱରଙ୍କ ପରି ଚିନ୍ତା କରିବା ୩୩

୫.୩ କିପରି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବିକଶିତ କରିବା ? ୩୪

| | | |
|---|---|---|
| ୫.୪ | ଶ୍ରାନ୍ତକ୍ଲାନ୍ତ ମନର ଲକ୍ଷଣସମୂହ ପରିହାର କରନ୍ତୁ | ୩୪ |
| ୫.୫ | ବିଜୟୀ ଚିନ୍ତାଧାରା | ୩୫ |
| ୫.୬ | ମନରେ ଦୃଢ଼ ସ୍ଥିରବୋଧ ରହିବା ଆବଶ୍ୟକ | ୩୫ |
| ୫.୭ | ଅବସାଦକୁ ହରାଇବା | ୩୫ |
| **୬.** | **ଆତ୍ମା ଓ ପ୍ରାଣର ସନ୍ତୁଳନ** | ୩୭ |
| ୬.୧ | ଆମର ବ୍ୟବହାର ନିମନ୍ତେ ଈଶ୍ୱର ଆମକୁ ମନ ଦେଇଛନ୍ତି | ୩୭ |
| ୬.୨ | ବିଶ୍ୱାସ ଓ ଅନୁମାନ | ୩୮ |
| ୬.୩ | ଈଶ୍ୱରଙ୍କ ରବକୁ ବାରିବା | ୪୮ |
| ୬.୪ | ଯୁକ୍ତି ଓ ବିଶ୍ୱାସ | ୩୮ |

# ୧

# ଉପକ୍ରମଣିକା

"ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି" (୨ କରିନ୍ଥୀ ୫:୧୭) ।

ଯେତେବେଳେ ଆମେ ପୁନର୍ଜନ୍ମ ଲାଭ କରୁ, ଆମର **ଆତ୍ମା** ହିଁ ନୂତନ ଭାବରେ ଜନ୍ମ ନେଇଥାଏ, ଯାହାକୁ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ପୁନଃସୃଜନ କରାଯାଇଥାଏ ଏବଂ ଈଶ୍ୱରଙ୍କ ଜୀବନ ଓ ସ୍ୱଭାବରେ ଏହା ପୂର୍ଣ୍ଣ ହୋଇଥାଏ । ଆମର ମନ ଓ ଶରୀର **ପୁନର୍ଜନ୍ମ** ଲାଭ କରି ନ ଥାନ୍ତି ।

ଈଶ୍ୱର **ପ୍ରାଣ** ଓ **ଶରୀରର** ପରିବର୍ତ୍ତନ କରି ନ ଥାନ୍ତି ।




ଆତ୍ମାରେ କ'ଣ ରହିଛି ଏହା ଯଦି ବାହାରୁ ଦେଖିବା, ତେବେ:

- **ପ୍ରାଣର** (ମନ, ଇଚ୍ଛା ଓ ଆବେଗ) **ନୂତନୀକରଣ** ଆବଶ୍ୟକ ।
- **ଶରୀର** (ମାଂସିକ ସ୍ୱଭାବ) **କ୍ରୁଶାର୍ପିତ** ହେବା ଆବଶ୍ୟକ ।

ବାକ୍ୟ ମାଧ୍ୟମରେ ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ମନର ନୂତନୀକରଣ ଓ ଶରୀରର କ୍ରୁଶାର୍ପଣ ଦାୟିତ୍ୱ ଈଶ୍ୱର ଆମ ଉପରେ ନ୍ୟସ୍ତ କରିଛନ୍ତି ।

ଏହି ଅଧ୍ୟୟନରେ ଆମେ **ମନ** ଉପରେ ଆଲୋଚନା କରିବା - ଏହାକୁ ନେଇ କ'ଣ କରାଯିବା ଆବଶ୍ୟକ ଓ ଏହା କିପରି କରାଯିବ ।

# ୨
# ମନ - ବାଇବଲ ଦୃଷ୍ଟିରେ

## ୨.୧. ମନର ସଜ୍ଞା

"ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣରୂପେ ପବିତ୍ର କରନ୍ତୁ, ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ତୁମ୍ଭମାନଙ୍କ ଆତ୍ମା, ପ୍ରାଣ, ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହେଉ" (୧ଥେସ ୫:୨୩) ।

ପ୍ରାଣ (Soul) = ଗ୍ରୀକ୍ Psuche

ଆତ୍ମା (Spirit) = ଗ୍ରୀକ୍ Pneuma

ପ୍ରାଣ - ଜ୍ଞାନଶକ୍ତି ସଂପନ୍ନ ମନୁଷ୍ୟର ବିଶେଷ କାର୍ଯ୍ୟାଂଶ, ମନ, ଇଚ୍ଛା ଓ ଆବେଗ ।

ମନ - ମସ୍ତିଷ୍କ, ଚିନ୍ତା, ହେତୁ, ବୁଦ୍ଧିମତ୍ତା, ଆବେଗ ଓ ସ୍ମୃତିଶକ୍ତି ।

## ୨.୨. ମନର ଗୁରୁତ୍ୱ

- ଆମର ଚିନ୍ତାସବୁ ଆମର କାର୍ଯ୍ୟସବୁକୁ ନିର୍ଦ୍ଧାରଣ କରେ । ଆମର କାର୍ଯ୍ୟସବୁ ଆମର ବ୍ୟବହାରକୁ ବିକଶିତ କରେ । ଆମର ବ୍ୟବହାର ଆମର ଜୀବନଶୈଳୀର ରୂପ ନେଇଥାଏ ।
- ଆମର ଚିନ୍ତାସବୁ ଆମର ଆବେଗସବୁକୁ ପ୍ରଭାବିତ କରେ । ଆମର ଆବେଗ ଆମର ଆତ୍ମିକ, ମାନସିକ ଓ ଶାରୀରିକ ଅବସ୍ଥାକୁ ପ୍ରଭାବିତ କରିଥାଏ ।
- ଆମର କଳ୍ପନାସବୁ ଆମକୁ ଶକ୍ତିଯୁକ୍ତ ବା ଦୁର୍ବଳ କରିଦେଇପାରେ ।
- ଆମର ସହଜାତ ମାନସିକ ଶକ୍ତିସବୁ (ଶିଖିବା, ବୁଝିବା, ଏକାଗ୍ର ହେବା, କଳ୍ପନା କରିବା, ମନେ ରଖିବା ଓ ଗଭୀର ଅନୁଶୀଳନ କରିବାର ଦକ୍ଷତା) ଗୁରୁତ୍ୱପୂର୍ଣ୍ଣ ।
- ଆମର ଆତ୍ମାରେ ଯାହା ଅଛି, ତାହା ଆମର ପ୍ରାଣ ଓ ଶରୀର ଦ୍ୱାରା ପ୍ରକାଶ ପାଇଥାଏ ।
- ଈଶ୍ୱର ଆମର ସହଜାତ ମାନସିକ ଶକ୍ତିସବୁକୁ ବ୍ୟବହାର କରି ଆମକୁ ବିଭିନ୍ନ ଚିନ୍ତାଧାରା, ଧାରଣା, ଛବି, ଦର୍ଶନ ଓ ସ୍ୱପ୍ନ ମାଧ୍ୟମରେ ଆମ ସଙ୍ଗେ ଯୋଗାଯୋଗ କରିଥା'ନ୍ତି ।

## ୨.୩. ମନର ସମସ୍ୟା କ୍ଷେତ୍ରଗୁଡ଼ିକ

ଅନେକ ଆନ୍ତରିକ ବିଶ୍ୱାସୀଙ୍କର ନିଜର ମନୋସ୍ଥିତି ଉପରେ ନିୟନ୍ତ୍ରଣ ନ ଥାଏ । ସେମାନେ କେତେକ ପାପ ଉପରେ ଜୟୀ ହୋଇ ପାରି ନ'ଥାନ୍ତି, ଅନେକ ଆସକ୍ତି ଓ ବନ୍ଧନକୁ ନେଇ ସଂଘର୍ଷ କରଥାନ୍ତି, ଇତ୍ୟାଦି । ଅନେକ ବିଶ୍ୱାସୀଙ୍କର ମଧ୍ୟ ଅନ୍ୟାନ୍ୟ ସମସ୍ୟା ରହିଛି, ଯାହାର ସମ୍ପର୍କ ମନ ସହିତ ରହିଥାଏ, ଯଥା:

- ଭୟ (ଲୋକଙ୍କ ପ୍ରତି, ପରିସ୍ଥିତି, ଅଜଣା ବିଷୟସବୁକୁ ନେଇ, ଇତ୍ୟାଦି)
- ଏକାଗ୍ରତାର ଅଭାବ (ଇତସ୍ତତଃ ମନ)
- ଅସ୍ତବ୍ୟସ୍ତତା (ଦ୍ୱି-ମନା, ଅନିଶ୍ଚୟ)
- ନିକୃଷ୍ଟ ଆତ୍ମ-ପ୍ରତିକୃତି (ନିମ୍ନ ଆତ୍ମସମ୍ମାନ)
- ଅସ୍ୱୀକାର
- ପ୍ରତାରଣା ଓ ଯୁକ୍ତି
- ଦୃଢ଼ଗଡ଼ସବୁ ଓ
- ମାନସିକ ରୋଗସବୁ (ଅବସାଦଗ୍ରସ୍ତ, ଉନ୍ମାଦ, ସିଜୋଫ୍ରେନିଆ ଭଳି ମାନସିକ ରୋଗଗ୍ରସ୍ତ, ଇତ୍ୟାଦି)

**କ'ଣ କରିବେ ?**

ବର୍ତ୍ତମାନ ଆପଣଙ୍କ ମନ ସାମ୍ନା କରୁଥିବା ତିନୋଟି ବଡ଼ ସମସ୍ୟାକୁ ଲେଖନ୍ତୁ ।

## ୨.୪. ମନର ତିନୋଟି ଅବସ୍ଥା

ସାଂସାରିକ ମନ, ଶାରୀରିକ ମନ, ନୂତନୀକୃତ (ଆତ୍ମିକ) ମନ

### (କ) ସାଂସାରିକ ମନ

"କିନ୍ତୁ ସାସାଂରିକ ମନୁଷ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରେ ନାହିଁ, କାରଣ ସେହିସବୁ ତାହା ନିକଟରେ ମୂର୍ଖତା, ପୁଣି ସେ ସେହିସବୁ ବୁଝି ପାରେ ନାହିଁ, ଯେଣୁ ସେହିସବୁକୁ ଆତ୍ମିକ ଭାବରେ ବିଚାର କରାଯାଏ" (୧କରିନ୍ଥୀ ୨:୧୪) ।

ଏଠାରେ ବାଇବଲ "ସାଂସାରିକ ମନୁଷ୍ୟର ବିଚାର" ବନାମ "ଆତ୍ମିକମନା ମନୁଷ୍ୟର ବିଚାର" (ଅନ୍ତର୍ଦୃଷ୍ଟି) ମଧ୍ୟରେ ତୁଳନା କରେ ।

ସାଂସାରିକ ମନୁଷ୍ୟ ସାଂସାରିକ ମନ ଅନୁସାରେ ଜୀବନଯାପନ କରୁଥିବା ହେତୁ:

- ସେ ଆତ୍ମାଙ୍କ ବିଷୟଗୁଡ଼ିକ ହୃଦୟରେ ଗ୍ରହଣ କରେ ନାହିଁ (କାରଣ ସେହିସବୁ ତାହା ନିକଟରେ ମୂର୍ଖତା) ।
- ସେ ଆତ୍ମାଙ୍କ ବିଷୟସବୁକୁ ଜାଣିପାରେ (ହୃଦ୍‌ବୋଧ କରିବା, ବୁଝିବା) ନାହିଁ (କାରଣ ସେହିସବୁକୁ ଆତ୍ମିକ ଭାବରେ ବିଚାର କରାଯାଏ) ।

ଆତ୍ମିକ ଭାବରେ ବିଚାର କରିବାର ଅର୍ଥ ଆତ୍ମାଙ୍କ ସାହାଯ୍ୟରେ ପରୀକ୍ଷା କରିବା, ଅନୁସନ୍ଧାନ କରିବା, ଜିଜ୍ଞାସା କରିବା, ପ୍ରଶ୍ନ କରିବା, ଜେରା କରିବା ।

**(ଖ) ଶାରୀରିକ ମନ**

"କାରଣ ଯେଉଁମାନେ ଶାରୀରିକମନା, ସେମାନେ ଶାରୀରିକ ବିଷୟରେ ମନୋଯୋଗ କରନ୍ତି, କିନ୍ତୁ ଯେଉଁମାନେ ଆତ୍ମିକମନା, ସେମାନେ ଆତ୍ମିକ ବିଷୟରେ ମନୋଯୋଗ କରନ୍ତି । କାରଣ ଶାରୀରିକ ଭାବ ମୃତ୍ୟୁଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତିଦାୟକ; ଯେଣୁ ଶାରୀରିକ ଭାବ ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା; କାରଣ ତାହା ଈଶ୍ୱରଙ୍କ ବ୍ୟବସ୍ଥାର ବଶୀଭୂତ ନୁହେଁ, ପୁଣି ବଶୀଭୂତ ହେବା ଅସମ୍ଭବ" (ରୋମୀୟ ୮:୫-୭) ।

ଶାରୀରିକ ଭାବ (ଗ୍ରୀକ୍ Sarx) କହିଲେ ଶରୀରର ବିଭିନ୍ନ ସ୍ୱାଭାବିକ ଇଚ୍ଛା, ରୁଚି, ଭାବାବେଶ ଓ ଅଭିଳାଷକୁ ବୁଝାଏ ।

ଶାରୀରିକ ଭାବ = ଗ୍ରୀକ୍ Sarx

ଶରୀର = ଗ୍ରୀକ୍ Soma

| ଶାରୀରିକ ମନ | ଆତ୍ମିକ ମନ |
|---|---|
| ଶାରୀରିକ ବିଷୟସବୁରେ (ଅର୍ଥାତ୍ କେବଳ ନିଜର ବିଷୟସବୁରେ, ନିଜକୁ ଆପ୍ୟାୟିତ କରିବାରେ, ଆସ୍ୱାଦନ, ଚିନ୍ତା କରିବାରେ) ମନୋଯୋଗ କରିଥାଏ | ଆତ୍ମାଙ୍କ ବିଷୟସବୁରେ ମନୋଯୋଗ କରିଥାଏ |
| ମୃତ୍ୟୁଜନକ | ଜୀବନ ଓ ଶାନ୍ତିଦାୟକ |
| ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା | |
| ଈଶ୍ୱରଙ୍କ ବ୍ୟବସ୍ଥାର ବଶୀଭୂତ ନୁହେଁ | |
| ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ | |

"ହେ ଭାଇମାନେ, ମୁଁ ଆତ୍ମିକମନା ଲୋକଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହି ପାରିଲି ନାହିଁ, କିନ୍ତୁ ଶାରୀରିକ ଲୋକମାନଙ୍କୁ ଓ ଖ୍ରୀଷ୍ଟଙ୍କଠାରେ ଶିଶୁମାନଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହିଲି । ମୁଁ ତୁମ୍ଭମାନଙ୍କୁ ଦୁଗ୍ଧ ପାନ କରାଇ ଅନ୍ୟ ଖାଦ୍ୟ ଦେଲି ନାହିଁ, କାରଣ ତୁମ୍ଭେମାନେ ତାହା ଗ୍ରହଣ କରିବାକୁ ସମର୍ଥ ନ ଥିଲ, ଆଉ ଏବେ ମଧ୍ୟ ସମର୍ଥ ହୋଇ ନାହଁ, ଯେଣୁ, ଏପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟ । କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ ?" (୧କରିନ୍ଥୀ ୩:୧-୩) ।

- ଶାରୀରିକ ମନ "ଖ୍ରୀଷ୍ଟଙ୍କଠାରେ ଶିଶୁ"ତୁଲ୍ୟ ଆତ୍ମିକଗୁଣସବୁ ପ୍ରତିଫଳନ କରେ ।
- ଶାରୀରିକ ମନ ଈଶ୍ୱରଙ୍କ ବାକ୍ୟରୁ ଗୁରୁପାକ ଖାଦ୍ୟ ଗ୍ରହଣ କରିପାରେ ନାହିଁ ।
- ଶାରୀରିକ ମନ ଈର୍ଷା, ବିବାଦ, ପ୍ରତିଦ୍ୱନ୍ଦିତା ଓ ଦଳଭେଦ (କ୍ଷୁଦ୍ରଦଳ) ଆଡ଼କୁ କଢ଼ାଇନିଏ ।
- ଶାରୀରିକ ମନ ଆମକୁ ଈଶ୍ୱରଙ୍କ ଲୋକ ଭାବରେ ନୁହେଁ, ମାତ୍ର "ମନୁଷ୍ୟର ସ୍ୱଭାବ ଅନୁସାରେ" ଆଚରଣ କରିବାକୁ ଦେଇଥାଏ ।

## (ଗ) ନୂତନୀକୃତ ମନ (ଆତ୍ମିକ ମନ)

"ତୁମ୍ଭେମାନେ ଏହ ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ " (ରୋମୀ ୧୨:୨) ।

ମନର (ବୋଧଶକ୍ତି, ଧୀମତ୍ତା) ନୂତନୀକରଣ (ଭଲ ଅବସ୍ଥାକୁ ଆଣିବା, ସଂସ୍କାର ଆଣିବା) ଦ୍ୱାରା ପରିବର୍ତ୍ତିତ (ଗ୍ରୀକ୍ metamorphoo) ହେବା । ଏକ "ନୂତନୀକୃତ ମନ"କୁ ଆତ୍ମିକ ମନରୂପେ ବିଚାର କରାଯାଏ ।

<u>**କ'ଣ କରିବେ ?**</u>

ନିଜକୁ ମୂଲ୍ୟାଙ୍କନ କରନ୍ତୁ ଏବଂ ଲେଖନ୍ତୁ ଶତକଡ଼ା କେତେ ଭାଗ ଆପଣ ସାଂସାରିକ ମନ, ଶାରୀରିକ ମନ ଓ ନୂତନୀକୃତ ମନ ନେଇ କାର୍ଯ୍ୟ କରିଥାନ୍ତି ।

% ସାଂସାରିକ

% ଶାରୀରିକ

% ନୂତନୀକୃତ

# ୩

# ମନ - ଏକ ଯୁଦ୍ଧକ୍ଷେତ୍ର

## ୩.୧. ଶାରୀରିକ ଅଭିଳାଷଗୁଡ଼ିକ ପାପ ବିରୁଦ୍ଧରେ ଯୁଦ୍ଧକରେ

"ହେ ପ୍ରିୟମାନେ, ତୁମ୍ଭେ ବିଦେଶୀ ଓ ପ୍ରବାସୀ ବୋଲି ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଶାରୀରିକ ଅଭିଳାଷଗୁଡ଼ାକରୁ ବିମୁଖ ହୁଅ, ସେଗୁଡ଼ାକ ଆତ୍ମାର ବିରୁଦ୍ଧରେ ଯୁଦ୍ଧ କରେ" (୧ପିତର ୨:୧୧)।

ଶାରୀରିକ ଅଭିଳାଷଗୁଡ଼ାକର ବଶୀଭୂତ ହେଲେ ପ୍ରାଣ ପାଇଁ ଅସୁବିଧା ସୃଷ୍ଟି ହୁଏ। ଆମର କାର୍ଯ୍ୟ ଦ୍ୱାରା ଆମର ମନ, ଇଚ୍ଛା ଓ ଆବେଗ ପ୍ରଭାବିତ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତିର ଏକାଗ୍ର ରହିବାର ସାମର୍ଥ୍ୟ ବା ଶକ୍ତି ଉଦ୍ରେକକାରୀ ଆଲୋଚନାରେ ଆଗେଇ ନେବାର ସାମର୍ଥ୍ୟ ତା'ର ବ୍ୟକ୍ତିଗତ ମନ୍ଦ ଅଭ୍ୟାସସବୁ ଯୋଗୁଁ ଦୁର୍ବଳ ହୋଇଯିବ। ଆହୁରି ମଧ୍ୟ, ଆତ୍ମିକ ଦୃଷ୍ଟିରୁ, ପାପପୂର୍ଣ୍ଣ ଜୀବନଶୈଳୀର ଢ଼ାଞ୍ଚା ଦୁଷ୍ଟାତ୍ମାମାନଙ୍କ ନିମନ୍ତେ ଦ୍ୱାର ଖୋଲିଦେବ। ସେମାନେ ପ୍ରାଣର ବିଭିନ୍ନ କ୍ଷେତ୍ରରେ ପ୍ରବେଶ କରି ପ୍ରାଣକୁ ହଇରାଣ ହରକତ କରିବେ ବା ଦଖଲ କରିନେବେ।

"ପରଦାରଗାମୀ ପୁରୁଷ ନିତାନ୍ତ ନିର୍ବୋଧ; ଯେ ନିଜ ପ୍ରାଣ ନାଶ କରିବ, ସେହି ତାହା କରଇ। ସେ ଆଘାତ ଓ ଅପମାନ ପାଇବ; ପୁଣି, ତାହାର କଳଙ୍କ ମାର୍ଜିତ ହେବ ନାହିଁ" (ହିତୋ ୬:୩୨-୩୩)।

ବ୍ୟଭିଚାରରେ ଲିପ୍ତ ହେବା ଦ୍ୱାରା ଜଣେ ଆପଣା ମନ, ଇଚ୍ଛା ଓ ଆବେଗକୁ ବିନାଶ (ନଷ୍ଟ, ଭ୍ରଷ୍ଟ ଓ ଧ୍ୱଂସ) ଆଡ଼କୁ ଘେନିଯାଏ।

## ୩.୨. ପରୀକ୍ଷା, ପ୍ରଲୋଭନ ପ୍ରକ୍ରିୟା

"କେହି ପରୀକ୍ଷିତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ହେଉଅଛି ବୋଲି ନ କହୁ, କାରଣ ଈଶ୍ୱର ମନ୍ଦରେ ପରୀକ୍ଷିତ ହୋଇ ପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ। କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ପରୀକ୍ଷିତ ହୁଏ; ତାହା ପରେ କାମନା ଗର୍ଭଧାରଣ କରି ପାପ ପ୍ରସବ କରେ, ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ। ହେ ମୋହର ପ୍ରିୟ ଭାଇମାନେ, ଭ୍ରାନ୍ତ ହୁଅ ନାହିଁ" (ଯାକୁବ ୧:୧୩-୧୬)।

ଲକ୍ଷ୍ୟ କରନ୍ତୁ -

- ଆପଣା କାମନା ଦ୍ୱାରା ଜଣେ ଆକର୍ଷିତ ହୁଏ ।
- ପ୍ରବଞ୍ଚିତ ହୁଏ- ଆମର ଇଚ୍ଛା ଶକ୍ତି ଦୁର୍ବଳ ହୋଇପଡ଼େ । ଆମେ ଫାନ୍ଦରେ ପଡ଼ିଯାଉ ।
- କାମନା ଗର୍ଭଧାରଣ କରେ- କାମନା ନିକଟରେ ଜଣେ ଆତ୍ମସମର୍ପଣ କରିଦିଏ । ଏହା ଫଳରେ ସେ ପାପ କରେ ।

କୌଣସି ମନ୍ଦ ବିଷୟ ପ୍ରତି ଯଦି ଆମର କାମନା ଜାଗ୍ରତ ହୁଏ ଏବଂ ଆମେ ତଦ୍ଵାରା ଆକର୍ଷିତ ହେଉ ତେବେ ତାହା ପାପ ନୁହେଁ । ଆମେ ମଧ୍ୟ ଯଦି ଆଗକୁ ବଢ଼ି ତଦ୍ଵାରା ପ୍ରବଞ୍ଚିତ ହେଉ, ତାହା ମଧ୍ୟ ପାପ ନୁହେଁ । ଯେତେବେଳେ ଆମେ ସେହି କାମନା ନିକଟରେ ନିଜକୁ ସମର୍ପଣ କରିଦେଉ, ସେତେବେଳେ ଆମେ ପାପ କରୁ ।

ଅନେକ ଖ୍ରୀଷ୍ଟିୟାନମାନଙ୍କ ମନରେ ମନ୍ଦ କାମନାସବୁ ଜାଗ୍ରତ ହେଉଥିବାରୁ ସେମାନେ ନିଜକୁ ଅନାବଶ୍ୟକ ଭାବେ ଦୋଷୀସାବ୍ୟସ୍ତ କରିଥାନ୍ତି । ଏହା ପାପ ନୁହେଁ । ଯେତେବେଳେ ଆମେ ସେହି କାମନାଗୁଡ଼ିକ ନିକଟରେ ନିଜ ନିଜକୁ ସମର୍ପଣ କରିଦେଉ ଓ ମନ୍ଦକର୍ମ କରୁ ବା ସେଗୁଡ଼ିକୁ ନେଇ ଇଚ୍ଛାକୃତ ଭାବରେ ଅଧିକ ଚିନ୍ତା କରୁ, ତେବେ ଆମେ ପାପକରୁ ।

### ୩.୩. ଶୟତାନର ବିଭିନ୍ନ କୌଶଳ

ଶୟତାନର ପରିକଳ୍ପନାରେ ମୂଳତଃ ନିମ୍ନ ବିଷୟଗୁଡ଼ିକ ରହିଥାଏ ।

### (କ) ପ୍ରତାରଣା

"କିନ୍ତୁ ସର୍ପ ଆପଣା ଧୂର୍ତ୍ତତାରେ ହବାଙ୍କୁ ଯେପରି ଭୁଲାଇଲା, ସେହିପରି କାଳେ ତୁମ୍ଭମାନଙ୍କ ମନ ଖ୍ରୀଷ୍ଟଙ୍କ ପ୍ରତି ସରଳତା ଓ ପବିତ୍ରତାରୁ ଭ୍ରଷ୍ଟ ହୁଏ, ମୋହର ଏହି ଭୟ ହେଉଅଛି ।" (୧କରିନ୍ଥୀ ୧୧:୩) ।

ଶୟତାନ ହବାଙ୍କୁ ଭୁଲାଇଲା (ପୂରାପୂରି ଫୁସୁଲାଇ ବିପଥଗାମୀ କରାଇଲା) । ଶୟତାନ ତା'ର ଧୂର୍ତ୍ତତାରେ ଆମର ମନକୁ ଭୁଲାଇ ଭ୍ରଷ୍ଟ କରିବାକୁ ଚାହିଁଥାଏ ।

ଶୟତାନ ଜଣେ **ପ୍ରତାରକ** । ତେଣୁ ସେ ଆମକୁ ସତ୍ୟଠାରୁ ଦୂରକୁ ନେଇ ଯିବାକୁ ଚେଷ୍ଟା କରେ । ଏଥିପାଇଁ ସେ **ମିଥ୍ୟାକୁ ସତ୍ୟରୂପେ ଦେଖାଏ ।**

"ତୁମ୍ଭେମାନେ ତୁମ୍ଭମାନଙ୍କର ପିତା ଶୟତାନଠାରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କ ପିତାର କାମନା ସାଧନ କରିବା ତୁମ୍ଭମାନଙ୍କର ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ, କାରଣ ତାହାଠାରେ ସତ୍ୟ ନାହିଁ । ଯେତେବେଳେ ସେ ମିଥ୍ୟା କହେ, ସେତେବେଳେ ସେ ନିଜଠାରୁ କହେ, କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ପିତା" (ଯୋହନ ୮:୪୪) ।

ଶୟତାନକୁ ମିଥ୍ୟାବାଦୀର ପିତା ବୋଲି କୁହାଯାଏ ।

"ସେଥିରେ ସର୍ବ ଜଗତର ପ୍ରବଞ୍ଚକ, ଦିଆବଳ ଓ ଶୟତାନ ନାମରେ ଖ୍ୟାତ ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା" (ପ୍ରକା ୧୨:୯) ।

ସେ ସମୁଦାୟ ଜଗତକୁ ପ୍ରବଞ୍ଚିତ କରେ ।

## (ଖ) ଅପବାଦ

ଶୟତାନ (ଗ୍ରୀକ୍ Satanas) = ଅପବାଦକ

ଶୟତାନ ଭ୍ରାତୃଗଣର ଅପବାଦକ

"ସେଥିରେ ସର୍ବ ଜଗତର ପ୍ରବଞ୍ଚକ, ଦିଆବଳ ଓ ଶୟତାନ ନାମରେ ଖ୍ୟାତ ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା । ସେତେବେଳେ ମୁଁ ସ୍ୱର୍ଗରେ ଏହି ଉଚ୍ଚ ସ୍ୱର ଶୁଣିଲି, ବର୍ତ୍ତମାନ ଆମ୍ଭମାନଙ୍କ ଈଶ୍ୱରଙ୍କ ପରିତ୍ରାଣ, ପରାକ୍ରମ ଓ ରାଜ୍ୟ, ପୁଣି ତାହାଙ୍କ ଖ୍ରୀଷ୍ଟଙ୍କର କର୍ତ୍ତାପଣ ଉପସ୍ଥିତ ହୋଇଅଛି, କାରଣ ଆମ୍ଭମାନଙ୍କ ଭ୍ରାତୃଗଣଙ୍କ ଅପବାଦକ, ଯେ ଦିବାରାତ୍ର ସେମାନଙ୍କ ବିରୁଦ୍ଧରେ ଆମ୍ଭମାନଙ୍କ ଈଶ୍ୱରଙ୍କ ଛାମୁରେ ଅଭିଯୋଗ କରୁଥିଲା, ସେ ତଳେ ନିକ୍ଷିପ୍ତ ହୋଇଅଛି" (ପ୍ରକା ୧୨:୯-୧୦) ।

ଶୟତାନ ଆମ ବିରୁଦ୍ଧରେ ଅଭିଯୋଗ ଆଣି ଆମର ମନ ବିରୁଦ୍ଧରେ କାର୍ଯ୍ୟ କରିଥାଏ ।

ଅନେକ ବିଶ୍ୱାସୀ ଏକ ନିକୃଷ୍ଟ "ଆତ୍ମିକ ଆତ୍ମ ପ୍ରତିକୃତି" ଯୋଗୁଁ କଷ୍ଟ ପାଇଥାନ୍ତି । ସେମାନେ ସବୁବେଳେ ନିଜକୁ "ପାପୀ, ଅଯୋଗ୍ୟ, ଦୋଷୀ, ଅଶୁଚି ଓ ଅନୁପଯୁକ୍ତ" ମନେ କରିଥାନ୍ତି । ଏହା ମୁଖ୍ୟତଃ ଦୁଷ୍ଟାତ୍ମାମାନଙ୍କର କାର୍ଯ୍ୟ, କାରଣ ସେମାନେ ବିଶ୍ୱାସୀମାନଙ୍କ ମନରେ ଅନେକ ଅଭିଯୋଗ ଆଣି ଭରି ଦେଇଥାନ୍ତି । ବିଶ୍ୱାସୀମାନେ ଅଜାଣତରେ ଏହିସବୁ ଚିନ୍ତାଗୁଡ଼ିକୁ ଗ୍ରହଣ କରି ନିଅନ୍ତି ଏବଂ ସେମାନେ ମଧ୍ୟ ନିଜେ ସେପରି ଅଟନ୍ତି ବୋଲି ମନେ କରିଥାନ୍ତି । ଏହାଦ୍ୱାରା ସେମାନେ ଦୁର୍ବଳତାର ଶିକାର ହୁଅନ୍ତି, ପ୍ରେରଣାଶୂନ୍ୟ ଜଣାଯାନ୍ତି; ସର୍ବଦା ଆତ୍ମ କରୁଣା, ଦୋଷୀ ଅବସ୍ଥାରେ ରହନ୍ତି ଏବଂ ଏକା ପାପ ପାଇଁ ବାରମ୍ବାର ଅନୁତପ୍ତ ହୋଇଥାନ୍ତି, ଇତ୍ୟାଦି ।

## (ଗ) ପରୀକ୍ଷା, ପ୍ରଲୋଭନ

"ଏଥିନିମନ୍ତେ, କାଳେ ପରୀକ୍ଷକ ତୁମ୍ଭମାନଙ୍କୁ ପରୀକ୍ଷା କରିଥିବ ଓ ଆମ୍ଭମାନଙ୍କ ପରିଶ୍ରମ ବ୍ୟର୍ଥ ହୋଇଥିବ, ଏହା ଆଶଙ୍କା କରି ମୁଁ ମଧ୍ୟ ଆଉ ସହି ନ ପାରିବାରୁ ତୁମ୍ଭମାନଙ୍କ ବିଶ୍ୱାସ ବିଷୟ ଜାଣିବା ପାଇଁ ଲୋକ ପଠାଇଲି" (୧ଥେସ ୩:୫)।

"ଆଉ, ପରୀକ୍ଷକ ତାହାଙ୍କ ନିକଟକୁ ଆସି କହିଲା, ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ଏହି ପଥରଗୁଡ଼ାକ ରୋଟି ହେବା ପାଇଁ ଆଜ୍ଞା ଦିଅ" (ମାଥିଉ ୪:୩)।

ଶୟତାନ ପରୀକ୍ଷକ ଅଟେ। ସେ ଆମକୁ ଫୁସୁଲାଇ ଈଶ୍ୱରଙ୍କର ମାନଦଣ୍ଡଠାରୁ ଦୂରେଇ ନେବାକୁ ଚେଷ୍ଟା କରେ ଓ ଆମକୁ ପାପଆଡ଼କୁ କଢ଼ାଇନିଏ।

## ୩.୪. ଶତ୍ରୁ କିପରି ଆମକୁ ପରୀକ୍ଷା କରେ ଜାଣିବା

"ଯେପରି ଶୟତାନ ଆମ୍ଭମାନଙ୍କର ଅପକାର କରିବାକୁ ସୁଯୋଗପ୍ରାପ୍ତ ନ ହୁଏ। କାରଣ ଆମ୍ଭେମାନେ ତା'ର ସମସ୍ତ କଳ୍ପନା ସମ୍ବନ୍ଧରେ ଅଜ୍ଞ ନୋହୁଁ" (୨କରିନ୍ଥୀ ୨:୧୧)।

କଳ୍ପନା (ଗ୍ରୀକ୍ noema) = କୁଅଭିସନ୍ଧି, ପ୍ରତ୍ୟକ୍ଷ ଜ୍ଞାନ, ବୋଧଶକ୍ତି, ମିଜ୍ଞାସ, ଫନ୍ଦି, ମନ, ଚିନ୍ତା, ମନର ପରିକଳ୍ପନା।

ଶୟତାନର ପରିକଳ୍ପନାସବୁ ପ୍ରକୃତରେ ମନର ଖେଳସବୁ - ସେସବୁର ଉଦ୍ଦେଶ୍ୟ ମନ ଉପରେ ଆକ୍ରମଣ କରିବା।

"କାରଣ ଯେ ଆମ୍ଭମାନଙ୍କର ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କର ଏପରି ମହାଯାଜକ ନାହାନ୍ତି, ବରଂ ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ" (ଏବ୍ରୀ ୪:୧୫)।

ଯୀଶୁ ପ୍ରତ୍ୟେକ କ୍ଷେତ୍ରରେ ପରୀକ୍ଷିତ ହୋଇଥିଲେ, ଯେପରି ଆମେ ପରୀକ୍ଷିତ ହୋଇଥାଉ।

"ଯୀଶୁ ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ଯର୍ଦ୍ଦନରୁ ବାହୁଡ଼ିଲେ ଏବଂ ଚାଳିଶ ଦିନ ପର୍ଯ୍ୟନ୍ତ ଆତ୍ମାଙ୍କ ଦ୍ୱାରା ପ୍ରାନ୍ତରରେ ଚାଳିତ ହୋଇ ଶୟତାନ କର୍ତ୍ତୃକ ପରୀକ୍ଷିତ ହେଉଥିଲେ। ସେହିସମସ୍ତ ଦିନ ସେ କିଛି ଭୋଜନ କଲେ ନାହିଁ, ଆଉ ସେହିସବୁ ଦିନ ଶେଷ ହୁଅନ୍ତେ, ସେ କ୍ଷୁଧିତ ହେଲେ। ସେଥିରେ ଶୟତାନ ତାହାଙ୍କୁ କହିଲା, ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ଏହି ପଥରକୁ ରୋଟୀ ହେବା ପାଇଁ ଆଜ୍ଞା ଦିଅ। ଯୀଶୁ ତାହାକୁ ଉତ୍ତର ଦେଲେ, ଲେଖା ଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ। ଆଉ, ସେ ତାହାଙ୍କୁ ଉପରକୁ ଘେନିଯାଇ ଏକ ମୁହୂର୍ତ୍ତ ମଧ୍ୟରେ ପୃଥିବୀର ସମସ୍ତ ରାଜ୍ୟ ତାହାଙ୍କୁ ଦେଖାଇଲା। ପୁଣି, ଶୟତାନ ତାହାଙ୍କୁ କହିଲା, ଆମ୍ଭେ ତୁମ୍ଭକୁ ଏସମସ୍ତ

ଅଧିକାର ଓ ଏସବୁର ଐଶ୍ୱର୍ଯ୍ୟ ଦେବା, କାରଣ ଆମ୍ଭକୁ ତାହା ସମର୍ପିତ ହୋଇଅଛି, ଆଉ ଆମ୍ଭେ ଯାହାକୁ ଇଚ୍ଛା, ତାହାକୁ ତାହା ଦେଉ । ଅତଏବ, ତୁମ୍ଭେ ଯେବେ ଆମ୍ଭ ଛାମୁରେ ପ୍ରଣାମ କରିବ, ତେବେ ସମସ୍ତ ତୁମ୍ଭର ହେବ । ଯୀଶୁ ତାହାକୁ ଉତ୍ତର ଦେଲେ, ଲେଖା ଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ଆଉ କେବଳ ତାହାଙ୍କର ଉପାସନା କରିବ । ପୁଣି, ସେ ତାହାଙ୍କୁ ଯିରୁଶାଲମକୁ ଘେନିଯାଇ ମନ୍ଦିରର ଛାତ ଉପରେ ଠିଆ କରାଇ ତାହାଙ୍କୁ କହିଲା, ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ଏଠାରୁ ତଳକୁ ଡ଼େଇଁପଡ଼; କାରଣ ଲେଖାଅଛି, ତୁମ୍ଭକୁ ରକ୍ଷା କରିବା ନିମନ୍ତେ ସେ ଆପଣା ଦୂତମାନଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ; ଆଉ ଲେଖାଅଛି, କାଳେ ତୁମ୍ଭ ପାଦ ପଥରରେ ବାଜିବ, ଏଥିପାଇଁ ସେମାନେ ତୁମ୍ଭକୁ ହସ୍ତରେ ତୋଳି ଧରିବେ । ପୁଣି, ଯୀଶୁ ତାହାକୁ ଉତ୍ତର ଦେଲେ, ଉକ୍ତ ଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପରୀକ୍ଷା କରିବା ନାହିଁ । ଶୟତାନ ସମସ୍ତ ପ୍ରକାର ପରୀକ୍ଷା ସମାପ୍ତ କଲା ଉତ୍ତାରେ କିଛି କାଳ ପର୍ଯ୍ୟନ୍ତ ତାହାଙ୍କୁ ପରିତ୍ୟାଗ କରି ଚାଲିଗଲା" (ଲୂକ ୪:୧-୧୩) ।

ଯଦି ଶୟତାନ ଯୀଶୁଙ୍କୁ ଏକ ମୁହୂର୍ତ୍ତ ମଧ୍ୟରେ ପୃଥିବୀର ସମସ୍ତ ରାଜ୍ୟ ଦେଖାଇପାରିଲା ତେବେ ତାହା କେବଳ କଳ୍ପନା ଦ୍ୱାରା ସମ୍ଭବ ହୋଇଥିଲା ।

ଯୀଶୁ ପ୍ରାନ୍ତରରେ ଥିଲେ । ତେଣୁ ଶୟତାନ ଯଦି ତାଙ୍କୁ ଯିରୁଶାଲମକୁ ଘେନିଯାଇ ମନ୍ଦିରର ଛାତ ଉପରେ ଠିଆ କରିଥିଲା, ତେବେ ତାହା କଳ୍ପନା ଦ୍ୱାରା ସମ୍ଭବ ହୋଇଥିଲା ।

ଏଣୁ ଆମେ ଏହି ନିର୍ଣ୍ଣୟରେ ପହଁଞ୍ଚୁ ଯେ ଶୟତାନ ଆମ ବିରୁଦ୍ଧରେ ଆମ ମନରେ ମୂଳତଃ ଯେଉଁ କାର୍ଯ୍ୟ କରେ, ସେଥିପାଇଁ ସେ ଆମର ସ୍ୱାଭାବିକ ଚିନ୍ତା ପ୍ରକ୍ରିୟାକୁ ମଝିରେ ବାଧାଦେଇ ତା'ର ଚିନ୍ତା, ଧାରଣା, ପ୍ରସ୍ତାବ, କଳ୍ପନା, ଛବି, ଇତ୍ୟାଦିକୁ ଆମ ମନରେ ପୂରାଇ ଦେଇଥାଏ ।

"କେହି ପରୀକ୍ଷିତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ହେଉଅଛି ବୋଲି ନ କହୁ, କାରଣ ଈଶ୍ୱର ମନ୍ଦରେ ପରୀକ୍ଷିତ ହୋଇ ପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ପରୀକ୍ଷିତ ହୁଏ; ତାହା ପରେ କାମନା ଗର୍ଭଧାରଣା କରି ପାପ ପ୍ରସବ କରେ, ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ । ହେ ମୋହର ପ୍ରିୟ ଭାଇମାନେ, ଭ୍ରାନ୍ତ ହୁଅ ନାହିଁ" (ଯାକୁବ ୧: ୧୩-୧୬) ।

ଆମ ମନରେ ପ୍ରବେଶ କରୁଥିବା ଶୟତାନର ଚିନ୍ତା, ଚିତ୍ର, କଳ୍ପନାସବୁ, ଇତ୍ୟାଦି ଆମର ଶାରୀରିକ କାମନାସବୁକୁ, ଆସକ୍ତି ଓ ଭାବାବେଶସବୁକୁ ଉଦ୍ରେକ କରିବା ପାଇଁ ଉଦ୍ଦିଷ୍ଟ । ଯେତେବେଳେ ଆମର କାମନାସବୁ ଉତ୍ତେଜିତ ହୁଏ, ଆମେ ସେସବୁ ଦ୍ୱାରା

ଆକର୍ଷିତ ହେଉ, ସେସବୁକୁ ପ୍ରତିରୋଧ କରିବା ଇଚ୍ଛା ଦୁର୍ବଳ ହୋଇଯାଏ, ଏବଂ ଆମେ ଯଦି ସଂଯମ ଆଚରଣ ନ କରୁ, ଆମେ ଆତ୍ମସମର୍ପଣ କରିଦେଉ ଓ ପାପରେ ପତିତ ହେଉ ।

ମନ୍ଦ ଚିନ୍ତା, ମନ୍ଦ ଛବି, ମନ୍ଦ କଳ୍ପନା ମନ ମଧ୍ୟରେ କେବଳ ପ୍ରବେଶ କଲେ ତାହା ପାପ ବୋଲି ଧରା ଯାଏ ନାହିଁ । ମନ୍ଦ ଚିନ୍ତା କରିବା ବା ସେହି ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବା ପାପ ଅଟେ ।

ଏସବୁ ଚିନ୍ତାକୁ ଆମେ ରୋକି ପାରିବା ନାହିଁ, କିନ୍ତୁ ଆମେ ସେସବୁ ଆମ ମଧ୍ୟରେ ବସା ବାନ୍ଧିବାରୁ ଆମେ ରୋକି ପାରିବା ।

## ୩.୫. କାମନାର ତିନୋଟି କ୍ଷେତ୍ର

*ହବାଙ୍କର ପରୀକ୍ଷା*

"ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀଙ୍କୁ ଦିଅନ୍ତେ, ସେ ମଧ୍ୟ ଖାଇଲେ" (ଆଦିପୁସ୍ତକ ୩:୬) ।

"ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହିସମସ୍ତ ବିଷୟ ପିତାଙ୍କଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ" (୧ଯୋହନ ୨:୧୫-୧୬) ।

### (କ) ଶାରୀରିକ ଅଭିଳାଷ

ଯୌନ ଉତ୍ତେଜକ କାମନା, ଆସକ୍ତି ଓ ଭାବାବେଶସବୁ ଈଶ୍ୱରଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ନୁହେଁ ।

ହବା ଦେଖିଲେ "ସେହି ବୃକ୍ଷ ସୁଖାଦ୍ୟର ଉତ୍ପାଦକ ।"

### (ଖ) ଚକ୍ଷୁର ଅଭିଳାଷ

"ଚକ୍ଷୁର ଅଭିଳାଷ"ରେ ଆତ୍ମସାତ୍ କରିବା ବିଷୟ ନ ଥାଏ । ଏହା କେବଳ ମନପ୍ରାଣ ଦେଇ ଦେଖିବା ଓ ଭାବିବାରେ ସନ୍ତୁଷ୍ଟ ହୋଇଥାଏ । ଏହା ଶାରୀରିକ ଅଭିଳାଷ ଅପେକ୍ଷା ଉଚ୍ଚତର ଅଭିଳାଷ, କାରଣ ଏହା ମାନସିକ ସୁଖ ଲୋଡ଼ିଥାଏ କିନ୍ତୁ ଅନ୍ୟଟି ଶାରୀରିକ ପରିତୋଷଣ ଖୋଜିଥାଏ ।

ହବା ଦେଖିଲେ ତାହା "ନୟନର ଲୋଭଜନକ" ।

## (ଗ)ଲୌକିକ ଗର୍ବ

ଅସାର ଗୌରବ । ମନୁଷ୍ୟର ଗର୍ବ । ଏହି ଗର୍ବ ହେତୁ ଆମେ ଚିନ୍ତା କରିଥାଉ ଯେ ଆମେ ସବୁକିଛି ନିଜେ ନିଜେ କରିପାରିବା, ଈଶ୍ୱରଙ୍କ ଉପରେ ନିର୍ଭର କରିବା ଆବଶ୍ୟକ ନାହିଁ ।

ହବା ଦେଖିଲେ "ସେହି ବୃକ୍ଷ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ" ।

ଶୟତାନର ପରୀକ୍ଷା ପ୍ରଲୋଭନ କାମନାର ଏହିସବୁ କ୍ଷେତ୍ରକୁ ଲକ୍ଷ୍ୟ ରଖିଥାଏ ।

## କ'ଣ କରିବେ ?

ନିଜର ମୂଲ୍ୟାୟନ ଉଦ୍ଦେଶ୍ୟରେ ଏହି ତିନୋଟି କ୍ଷେତ୍ରରେ ଆପଣ କେତେଦୂର ଆକ୍ରମଣୀୟ ଶତକଡ଼ା ହାରରେ ପ୍ରକାଶ କରନ୍ତୁ ।

% ଶାରୀରିକ ଅଭିଳାଷ

% ଚକ୍ଷୁର ଅଭିଳାଷ

% ଲୌକିକ ଗର୍ବ

## ୩.୬. ଦୃଢ଼ଗଡ଼ସବୁ ଗଠିତ ହେବା ସମ୍ପର୍କରେ ଜାଣିବା

"କାରଣ ଆମ୍ଭେମାନେ ଶରୀରରେ ଥାଇ ଆଚରଣ କରୁଅଛୁ ସତ୍ୟ, କିନ୍ତୁ ଆମ୍ଭେମାନେ ଶାରୀରିକ ଭାବରେ ଯୁଦ୍ଧ କରୁନାହୁଁ, (ଯେଣୁ ଆମ୍ଭମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ); ଆମ୍ଭେମାନେ ତର୍କବିତର୍କସବୁ ଓ ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍ଥିତ ସମସ୍ତ ଉଚ୍ଚ ବିଷୟ ଭୂମିସାତ୍ କରୁ, ପୁଣି ପ୍ରତ୍ୟେକ କଳ୍ପନାକୁ ଖ୍ରୀଷ୍ଟଙ୍କ ବାଧ୍ୟ ହେବା ନିମନ୍ତେ ବନ୍ଦୀ କରୁ, ଆଉ ଯେତେବେଳେ ତୁମ୍ଭେମାନେ ସମ୍ପୂର୍ଣ୍ଣରୂପେ ବାଧ୍ୟ ହେବ, ସେତେବେଳେ ସମସ୍ତ ଅବାଧ୍ୟତାର ପ୍ରତିକାର କରିବା ନିମନ୍ତେ ଆମ୍ଭେମାନେ ପ୍ରସ୍ତୁତ ଅଛୁ" (୨କରିନ୍ଥୀ ୧୦:୩-୬) ।

- ଚିନ୍ତା
- ତର୍କବିତର୍କ (ଯୁକ୍ତି)
- କଳ୍ପନା
- ଦୃଢ଼ଗଡ (ଦୁର୍ଗ ବା କିଲ୍ଲା) । ଏହାର ଅର୍ଥ ଆମ ମନର ଯେଉଁ କ୍ଷେତ୍ର ଦୁଷ୍ଟାତ୍ମାମାନଙ୍କ ଦୃଢ଼ ଦଖଲରେ ରହିଛି ।

ଏହା ଆରମ୍ଭ ହୋଇଥାଏ ଏକ ସରଳ **ଚିନ୍ତା** ରେ । ଚିନ୍ତା କହିଲେ ଏକ ଧାରଣା, ସଙ୍କେତ, ବାକ୍ୟ ବା ଛବି ଯାହା ଜଣେ ଦୁଷ୍ଟାତ୍ମା ଆମର ସ୍ୱାଭାବିକ ଚିନ୍ତା ପ୍ରକ୍ରିୟାରେ ବାଧା ଜନ୍ମାଇ ଆମ ମନରେ ସିଧାସଳଖ ପ୍ରବେଶ କରାଇଥାଏ । ହୁଏତ କେହି କିଛି କହୁଥିବାର ଶୁଣିବା କୌଣସି ବିଷୟ ଦେଖି ଏହା ଆମ ମନରେ ପ୍ରବେଶ କରେ ।

ଯଦି ଏହି କୁଚିନ୍ତାକୁ ତତ୍କାଳ ରୋଧ କରା ନ ଯାଏ, ଏହା **ତର୍କବିତର୍କ ବା ଯୁକ୍ତି** ଆଡକୁ ନେଇ ଯିବ । ତତ୍ପରେ ଏହା ଈଶ୍ୱରଙ୍କ ବାକ୍ୟର ମାନଦଣ୍ଡ ("ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍‌ଥିତ") ବା ସତ୍ୟ ବିରୁଦ୍ଧରେ ଯୁକ୍ତି କରେ ।

ଆମ ମନରୁ ଈଶ୍ୱରଙ୍କ ବାକ୍ୟକୁ ସ୍ଥାନଚ୍ୟୁତ କଲାପରେ, ଏହି ତର୍କବିତର୍କ **କଳ୍ପନା** ରେ ପରିଣତ ହୁଏ, ଏବଂ ଆମେ ଦେଖୁ ଚିନ୍ତାରୁ ଯେଉଁ ସଙ୍କେତ ମିଳିଥିଲା ଆମେ ତାକୁ ଗ୍ରହଣ କରିନେଇଛୁ, ତଦନୁସାରେ କାର୍ଯ୍ୟ କରୁଛୁ । ଏହି ବିଷୟ ଆମର ବାସ୍ତବ ଜୀବନରେ ଘଟିଥାଏ, ପ୍ରାୟଶଃ ବାସ୍ତବ ଲାଗେ ।

ଯଦି କଳ୍ପନାକୁ ଭୂମିସାତ୍ କରା ନ ଯାଏ, ଏହା ବାରମ୍ବାର ଘଟିଥାଏ ବା ବାରମ୍ବାର ତା' ଉପରେ ଧ୍ୟାନ କେନ୍ଦ୍ରିତ କରାଯାଏ, ଫଳରେ ବ୍ୟକ୍ତିର ମନରେ ଏକ **ଦୃଢ଼ଗଡ଼** ଗଠିତ ହୁଏ । ଦୃଢ଼ଗଡ଼ ଏକ ଗୃହ ଯାହା ଚିନ୍ତା, ତର୍କବିତର୍କ, ଯୁକ୍ତି ଓ କଳ୍ପନାସବୁକୁ ନେଇ ନିର୍ମିତ । ଆମ ପ୍ରାଣର (ମନ, ଇଚ୍ଛା ଓ ଆବେଗ) ଏହି କ୍ଷେତ୍ରକୁ ଶତ୍ରୁ ଅଧିକାର କରିନେଇଛି, ଫଳରେ ଆମେ **ଅବାଧ୍ୟତା** ଆଡ଼କୁ ଚାଳିତ ହୋଇଥାଉ ।

ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କର ବାଧ୍ୟ ହେବାକୁ ହେଲେ ଆମେ ଆମମାନଙ୍କର ଯୁଦ୍ଧର ଅସ୍ତ୍ରଶସ୍ତ୍ର ବ୍ୟବହାର କରି **ଦୃଢ଼ଗଡ଼ସବୁକୁ, କଳ୍ପନାସବୁକୁ ଓ ତର୍କବିତର୍କସବୁକୁ ଭୂମିସାତ୍ କରିବାକୁ ହେବ** ଏବଂ ଈଶ୍ୱରଙ୍କ ବାକ୍ୟ ଓ ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ନିକଟରେ **ପ୍ରତ୍ୟେକ ଚିନ୍ତାକୁ ବନ୍ଦୀ କରିବାକୁ ହେବ ।**

**ଉଦାହରଣ**

ଧରନ୍ତୁ ଜଣେ ଯୁବକ କେବେ ମଦ୍ୟପାନ କରି ନାହିଁ । ଦିନେ ସେ ଜଣେ ପାଳକ/ ପ୍ରଚାରକଙ୍କୁ ଦେଖିଲା ଯେ ଏକ ବିବାହ ଭୋଜିରେ ସେ ଏକ ଛୋଟ କପ୍‌ରେ ଦ୍ରାକ୍ଷାରସ ପାନ କଲେ । ଶତ୍ରୁ ଏହି ଘଟଣାର ସୁଯୋଗ ନେଇ ତା' ମନରେ ଏହି ଚିନ୍ତା ରଖିବ, "ଯଦି ପାଳକ/ ପ୍ରଚାରକ ଦ୍ରାକ୍ଷାରସ ପାନ କରୁଛନ୍ତି, ମୁଁ ବି ଏହା ପିଇବାରେ ଅସୁବିଧା କିଛି ନାହିଁ ।"

ଯୁବକ ଜଣକ ତା' ମନରେ ଏହି ଚିନ୍ତା ପୋଷଣ କଲା । ତା' ପରେ ସେ ତା' ମନରେ ତର୍କବିତର୍କ କଲା- "ପ୍ରଭୁଭୋଜ ସମୟରେ ତ ମଣ୍ଡଳୀରେ ଦ୍ରାକ୍ଷାରସ ଦିଆଯାଏ । ଯୀଶୁ ମଧ୍ୟ ଜଳକୁ ଦ୍ରାକ୍ଷାରସରେ ପରିଣତ କରିଥିଲେ । ମୁଁ ବି ଦେଖିଲି ପ୍ରଚାରକ ମହାଶୟ ଦ୍ରାକ୍ଷାରସ ପାନ କଲେ । ମୁଁ ମଧ ଦେଖିଲି ଅମୁକ ବ୍ୟକ୍ତି ମଦ୍ୟପାନ କଲେ । ମୋର ସାଙ୍ଗମାନେ ମଧ ମଦ ପିଅନ୍ତି, ତଥାପି ସେମାନେ ଉତ୍ତମ ପ୍ରକୃତିର । ମୁଁ ସତର୍କ ରହିବି ଯେପରି ମୋତେ ନିଶା ନ ଧରେ । ଏହେତୁ ମୁଁ ଚିନ୍ତା କରୁଛି ବେଳେବେଳେ ଟିକିଏ ଦ୍ରାକ୍ଷାରସ ପିଇବା ଭଲ ହେବ" । ଏହିପରି ତା' ମନରେ ଯୁକ୍ତି ଓ ତର୍କବିତର୍କ ଲାଗି ରହେ ଯା'ଫଳରେ ସେସବୁ ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍‌ଥିତ ହୁଏ ।

ଶୀଘ୍ର କଳ୍ପନାସବୁ ତା'ମନରେ ଉଙ୍କିମାରେ । ସେ ଦେଖେ ସେ ତା'ର ବନ୍ଧୁମାନଙ୍କ ସହିତ ବାର୍‌ରେ ଓ ଅନ୍ୟାନ୍ୟ ଅବସରରେ ମଦ୍ୟପାନ କରୁଛି । ଏହା ପରେ ସେ ତାହା ହିଁ କଲା ଓ ବେଳେବେଳେ ମଦ୍ୟପାନ କଲା । କିନ୍ତୁ ଅନେକ ଦିନ ପରେ ସେ ନିୟମିତରୂପେ ମଦ୍ୟପାନ କଲା ଓ ତା'କୁ ଛାଡ଼ି ସେ ରହିପାରିଲାନି । ଏକ ଦୃଢ଼ଗଡ଼ ଏବେ ତା'ମନରେ ଗଢ଼ି ଉଠିଛି ଓ ଯୁବକଜଣକ ଏବେ ବନ୍ଦୀ ହୋଇଯାଇଛି ।

## ୩.୭. ବିପଜ୍ଜନକ ଅଗ୍ରଗତି

- ପ୍ରତାରଣା : ଈଶ୍ୱରଙ୍କ ବାକ୍ୟ ବା ସ୍ୱାଭାବିକ ବ୍ୟବହାର ବିରୁଦ୍ଧରେ ତର୍କବିତର୍କ କଲେ ତାହା ପଶ୍ଚାତ୍‌ଗତି, ନିବାରଣ, ଦମନ, ଅସଙ୍ଗତ ଆଚରଣ ଆଡ଼କୁ କଢ଼ାଇ ନେବ ।
- ଅବସାଦ : ନୈରାଶ୍ୟ, ନିରାନନ୍ଦ, ଦୁଃଖ, କାର୍ଯ୍ୟକଳାପ ହ୍ରାସ, ଆଶାଶୂନ୍ୟତା, ଅପ୍ରଚୁରତା ।
- ଦମନ : ପେଷିତ ବା ପରାଜିତ (ବାଧକାରୀ ଚିନ୍ତାସମୂହ, ବାଧକାରୀ ଅନୁଭବସବୁ, ବାଧକାରୀ ବ୍ୟବହାର, ଅସ୍ୱାଭାବିକ ସମସ୍ୟାଗୁଡ଼ିକ) ।
- ମନୋଗ୍ରସ୍ତତା : ଅବରୁଦ୍ଧ, ପ୍ରେତଗ୍ରସ୍ତ, ଏକ ନିର୍ଦ୍ଦିଷ୍ଟ ଧାରଣାକୁ ଅଯୌକ୍ତିକ ଭାବେ ଧରିବସିବା ।
- ଦଖଲ : ବାସ କରିବା, ଅଧିକାର କରିବା, ନିୟନ୍ତ୍ରଣ କରିବା, ଆଧିପତ୍ୟ ଦେଖାଇବା, ଶାସନ କରିବା ।

## ୩.୮. ଆମମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର

"ଯେଣୁ ଆମ୍ଭମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ" (୨କରିନ୍ଥୀ ୧୦:୪)।

ଈଶ୍ୱର ଆମମାନଙ୍କୁ ଯେଉଁସବୁ ଆତ୍ମିକ ଯୁଦ୍ଧାସ୍ତ୍ର ଦେଇଅଛନ୍ତି, ତଦ୍ୱାରା ଆମେ:

- ପ୍ରତ୍ୟେକ ଚିନ୍ତାକୁ ବନ୍ଦୀ କରିପାରୁ।
- ଈଶ୍ୱରଙ୍କ ବାକ୍ୟକୁ ବିରୋଧ କରୁଥିବା ସମସ୍ତ ତର୍କବିତର୍କକୁ (ଯୁକ୍ତି) ଭୂମିସାତ୍ କରିପାରୁ।
- ପ୍ରତ୍ୟେକ କଳ୍ପନାକୁ ହତାଶ କରିପାରୁ।
- ଦୃଢ଼ଗଡ଼ସବୁକୁ ଭୂମିସାତ୍ କରିପାରୁ।

ଆମେମାନେ ଯେଉଁସବୁ ଯୁଦ୍ଧାସ୍ତ୍ର ପାଇଅଛୁ, ସେଗୁଡ଼ିକ ହେଲା:

- ଈଶ୍ୱରଙ୍କ କଥିତ ବାକ୍ୟ

  ଯୀଶୁଙ୍କ ଉଦାହରଣ (ମାଥିଉ ୪:୧-୧୧)

  "ପୁଣି, ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ଼୍‌ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର" (ଏଫିସୀ ୬:୧୭)।

  "ଆଉ ସେମାନେ ମେଷଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି, ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରି ନ ଥିଲେ" (ପ୍ରକା ୧୨:୧୧)।

- ଯୀଶୁଙ୍କ ନାମ

  "ଆଉ, ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ' ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ" (ମାର୍କ ୧୬:୧୭)।

- ମେଷଶାବକଙ୍କ ରକ୍ତ

  "ଆଉ ସେମାନେ ମେଷଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି, ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରି ନ ଥିଲେ" (ପ୍ରକା ୧୨:୧୧)।

- ଆମ ଓଷ୍ଠାଧରରେ ପ୍ରଭୁଙ୍କ ପ୍ରଶଂସା

  "ତୁମ୍ଭେ ଶତ୍ରୁ ଓ ପ୍ରତିହିଂସକକୁ ଦମନ କରିବା ପାଇଁ ଆପଣା ବିପକ୍ଷଗଣ ସକାଶୁ ଶିଶୁ ଓ ଦୁଗ୍ଧପୋଷ୍ୟମାନଙ୍କ ମୁଖରୁ ପରାକ୍ରମ ପ୍ରତିପନ୍ନ କରିଅଛ" (ଗୀତ ୮:୨)।

  (ମାଥିଉ ୨୧:୧୬ ମଧ୍ୟ ଦେଖନ୍ତୁ)

"ସେମାନଙ୍କ କଣ୍ଠରେ ପରମେଶ୍ୱରଙ୍କ ଉଚ୍ଚ ପ୍ରଶଂସା ଥାଉ; ପୁଣି, ସେମାନଙ୍କ ହସ୍ତରେ ଦ୍ୱିବିଧ ଖଡ୍ଗ ଥାଉ । ଗୋଷ୍ଠୀୟମାନଙ୍କୁ ପ୍ରତିଫଳ ଦେବା ପାଇଁ, ଜନବୃନ୍ଦଙ୍କୁ ଶାସ୍ତି ଦେବା ପାଇଁ" (ଗୀତ ୧୪୯:୬-୭) ।

ଯେତେବେଳେ ମନ୍ଦ ଚିନ୍ତାସବୁ, ତର୍କବିତର୍କ ବା କଳ୍ପନାସବୁ ମନ ମଧ୍ୟରେ ଜାଗ୍ରତ ହୁଏ, ଆମେ ଈଶ୍ୱରଙ୍କ ବାକ୍ୟ ଉଚ୍ଚାରଣ କରି (ବା ଚିନ୍ତାକରି) ସେସବୁକୁ **ନା** କହିବା, ଫଳରେ ସେସବୁର ଉଦ୍ଦେଶ୍ୟ **ବିଫଳ** ହୋଇଯିବ ।

## ୩.୯. ପରିତ୍ରାଣରୂପ ଶିରସ୍ତ୍ରାଣ

"ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥିନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜା ଗ୍ରହଣ କର । ଅତଏବ, ସତ୍ୟରୂପ କଟିବନ୍ଧନୀରେ କଟି ବାନ୍ଧି ଧାର୍ମିକତାରୂପ ଉରସ୍ତ୍ରାଣ ପରିଧାନ କର, ଶାନ୍ତିଦାୟକ ସୁସମାଚାର ନିମନ୍ତେ ସୁସଜ୍ଜତାରୂପ ପାଦୁକା ପାଦରେ ପିନ୍ଧି ଅଟଳ ହୋଇଥାଅ । ସେଥି ସଙ୍ଗେ ସଙ୍ଗେ, ଯଦ୍ଦ୍ୱାରା ପାପାତ୍ମାର ଅଗ୍ନିବାଣସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢାଲ ଧର । ପୁଣି, ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର" (ଏଫିସୀ ୬:୧୩-୧୭) ।

ପରିତ୍ରାଣରୂପ ଶିରସ୍ତ୍ରାଣ ମନକ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରେ । ଯଦି ଜଣେ ସୈନ୍ୟ ହେଲ୍‌ମେଟ୍ ବା ଶିରସ୍ତ୍ରାଣ ନ ପିନ୍ଧେ, ତେବେ ସେ ଶତ୍ରୁପକ୍ଷର ଟାଙ୍ଗିଆ, ଫାର୍ଶା ବା ଖଡ୍ଗର ଶିକାର ହେବ ଓ ତା'ର ମୁଣ୍ଡ ଗଡ଼ିବ ।

ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଯେଉଁ ପରିତ୍ରାଣର କାର୍ଯ୍ୟ ସାଧନ କରିଅଛନ୍ତି ସେଥିରେ ଆମର ମନକୁ (ଚିନ୍ତା, ତର୍କବିତର୍କ ଓ କଳ୍ପନା) ସଜାଇରଖି ଆମେ ପରିତ୍ରାଣର ଶିରସ୍ତ୍ରାଣ ପିନ୍ଧିଥାଉ ।

- ପରିତ୍ରାଣ କ'ଣ ଓ ଏଥିରେ ଅନ୍ୟ ଯେଉଁସବୁ ବିଷୟ ଅନ୍ତର୍ଭୁକ୍ତ ସେସବୁକୁ ଜାଣନ୍ତୁ ।
- ପରିତ୍ରାଣ ପାଇଥିବାର ବାସ୍ତବତା ବିଷୟରେ ମନ ମଧ୍ୟରେ ନିଶ୍ଚିତ ହୁଅନ୍ତୁ ।
- ଈଶ୍ୱର ଆମ୍ଭମାନଙ୍କୁ ଯେଉଁ ପରିତ୍ରାଣ ପ୍ରଦାନ କରିଅଛନ୍ତି ତଦନୁସାରେ ଚିନ୍ତା କରନ୍ତୁ ।
- ଏହା ନିଶ୍ଚିତତା ଦିଏ ଯେ ଆମେ ପରିତ୍ରାଣର ଶିରସ୍ତ୍ରାଣ ପିନ୍ଧିଛୁ ।

ଯେତେବେଳେ ଆମେ ଜାଣୁ ଯେ, ଆମେ ପରିତ୍ରାଣ ପାଇଛୁ ଓ ଆମର ମନକୁ ତଦନୁସାରେ ସଜାଇରଖୁ, ସେତେବେଳେ ଆମ ମନ ଉପରେ ଶୟତାନର ସମସ୍ତ ଆକ୍ରମଣ ବିରୁଦ୍ଧରେ ଆମେ ମନକୁ ପ୍ରଭାବଶାଳୀ ଭାବରେ ସୁରକ୍ଷିତ ରଖିପାରିବା ।

## ୩.୧୦. ମନମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

"ଅତଏବ, ଆପଣା ଆପଣା ମନରୂପ କଟି ବନ୍ଧନ କରି ସଚେତନ ଥାଅ, ପୁଣି ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ଯେଉଁ ଅନୁଗ୍ରହ ତୁମ୍ଭମାନଙ୍କ ପ୍ରତି ବର୍ତ୍ତିବ, ସେଥିରେ ସମ୍ପୂର୍ଣ୍ଣରୂପେ ଭରସା ରଖ" (୧ପିତର ୧:୧୩) ।

ମନ (ଗ୍ରୀକ୍ dianoia) = ଗଭୀର ଚିନ୍ତା, କଳ୍ପନା, ମନ, ବୋଧ

ମନରୂପ କଟି ବନ୍ଧନ କରନ୍ତୁ ("ଧୋତିକୁ ସଂଯମର ସହିତ ପିନ୍ଧନ୍ତୁ")

"ଏଥିରେ ସଦାପ୍ରଭୁଙ୍କ ହସ୍ତ ଏଲିୟଙ୍କ ଉପରେ ଅବସ୍ଥାନ କରନ୍ତେ, ସେ ଆପଣା କଟି ବାନ୍ଧି ଯିଷ୍ରିୟେଲର ପ୍ରବେଶସ୍ଥାନ ପର୍ଯ୍ୟନ୍ତ ଆହାବଙ୍କର ଆଗେ ଆଗେ ଦୌଡ଼ିଗଲେ" (୧ରାଜା ୧୮:୪୬) ।

ନିଜର ମନକୁ ନିଜ ବଶରେ ରଖନ୍ତୁ ।

- ମୋର ମନ ମୋ' ନିଜର ।
- ମୋର ମନ କ'ଣ ଚିନ୍ତା କରିବ ତାହା ମୁଁ ସ୍ଥିର କରିବି ।
- ମୋର ମନକୁ ଇତସ୍ତତଃ ଘୂରିବୁଲିବା ପାଇଁ ମୁଁ ଦେବି ନାହିଁ ।

  ମୁଁ ନିଷ୍କ୍ରିୟ ହୋଇ ରହିବି ନାହିଁ । ମୋ ମନକୁ ମୁଁ ଉଦାସ ରଖିବି ନାହିଁ । କୁହାଯାଏ ଏକ ଅଳସ ମନ ଶୟତାନର କର୍ମଶାଳା ।

## ୩.୧୧. ମନକୁ ବଶରେ ରଖିବା - ଶାରୀରିକ କାମନାସବୁ ସହିତ ଯୁଦ୍ଧ କରିବା

"ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କର, ସେମାନେ ଶରୀରକୁ ସେଥିର କାମନା ଓ ଅଭିଳାଷ ସହିତ କ୍ରୁଶରେ ହତ କରିଅଛନ୍ତି" (ଗାଲା ୫:୨୪) ।

"କାରଣ ଯଦି ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ" (ରୋମୀ ୮:୧୩) ।

ଆମେ ଯାହାକୁ ଖାଇବାକୁ ଦେବା, ସେ ବୃଦ୍ଧି ପାଇବ । ଯଦି ଖାଇବାକୁ ଦିଆ ନ ଯାଏ, ସେ ମରିଯିବ । "ଶାରୀରିକ କାମନା ଓ ଅଭିଳାଷ" ପ୍ରତି ଆମ ଶରୀର ଓ ମନର ମନ୍ଦ ଅଭିଳାଷଗୁଡ଼ିକ ପ୍ରତି ଆମେ ମୃତ ହେବା ଆବଶ୍ୟକ ।

ସମସ୍ତ ପ୍ରକାର ମନ୍ଦଠାରୁ ପୃଥକ୍ ହୋଇଥାଅ (୧ଥେସ ୫:୨୧) ।

## ୩.୧୨. ମନକୁ ବଶରେ ରଖିବା - ଅଗ୍ନିବାଣସବୁକୁ ନିର୍ବାଣ କରିବା ।

- ମୁଁ ବୁଝିବା ଆବଶ୍ୟକ ଯେ ମୋର ମନ ମୋ' ନିଜର ।
- ଧର୍ମଶାସ୍ତ୍ରର ଆଲୋକରେ ପ୍ରତ୍ୟେକ ଚିନ୍ତା, ପ୍ରତ୍ୟେକ ତର୍କବିତର୍କ ଓ ପ୍ରତ୍ୟେକ କଳ୍ପନାକୁ ମୁଁ ବିଚାର ବା ମୂଲ୍ୟାଙ୍କନ କରିବା ଆବଶ୍ୟକ । ପ୍ରତ୍ୟେକ ଚିନ୍ତାକୁ ଜାଣନ୍ତୁ, ଶୃଙ୍ଖଳିତ କରନ୍ତୁ ଓ କାରବାର କରନ୍ତୁ (ବିକଶିତ ବା ବିନାଶ କରନ୍ତୁ) ।
- ମୋର ନିଜ ମନକୁ ମୁଁ ଈଶ୍ୱରଙ୍କ ବାକ୍ୟ କହିବା ଆବଶ୍ୟକ । ପ୍ରତ୍ୟେକ ନକାରାତ୍ମକ ଚିନ୍ତାରୁ ମୁକ୍ତିପାଇବା ପାଇଁ ମୁଁ ଦଶଟି ସକାରାତ୍ମକ ଚିନ୍ତା ଆବଶ୍ୟକ କରେ ।
- ମୋ ମନରେ ମୁଁ ନୂତନ ଚିତ୍ରସବୁ ଅଙ୍କନ କରିବା ଆବଶ୍ୟକ । ମୋ ଜୀବନର ପ୍ରତ୍ୟେକ କ୍ଷେତ୍ର ପାଇଁ, ଈଶ୍ୱରଙ୍କ ବାକ୍ୟ ଉପରେ ଆଧାରିତ ନୂତନ ଛବିସବୁ ଓ କଳ୍ପନାସବୁକୁ ମୁଁ ସୃଷ୍ଟି କରିବା ଆବଶ୍ୟକ ।

## ୩.୧୩. ଲୋକମାନେ ଯାହା ସବୁ କହନ୍ତି

"ସେମାନେ ଖଡ୍ଗ ପରି ଆପଣା ଜିହ୍ୱା ଶାଣିତ କରିଅଛନ୍ତି; ଏବଂ ଆପଣାମାନଙ୍କ କଟୁବାକ୍ୟରୂପ ତୀର ଲକ୍ଷ୍ୟ କରିଅଛନ୍ତି" (ଗୀତ ୬୪:୩) ।

"କାହାର କାହାର ବାଚାଳତା ଖଡ୍‌ଗାଘାତ ପରି; ମାତ୍ର ଜ୍ଞାନୀର ଜିହ୍ୱା ସ୍ୱାସ୍ଥ୍ୟଜନକ" (ହିତୋ ୧୨:୧୮) ।

"ମନୋହର ଭାଷା ମଧୁଚାକ ସଦୃଶ, ତାହା ମନକୁ ସୁମିଷ୍ଟ, ଅସ୍ଥିକି ସ୍ୱାସ୍ଥ୍ୟ" (ହିତୋ ୧୬:୨୪) ।

"ଶେଷାବସ୍ଥାରେ ତୁମ୍ଭେ ଯେପରି ଜ୍ଞାନବାନ୍ ହୁଅ, ଏଥିପାଇଁ ମନ୍ତ୍ରଣା ଶୁଣ ଓ ଉପଦେଶ ଗ୍ରହଣ କର । ହେ ଆମ୍ଭର ପୁତ୍ର, ଯେଉଁ ଉପଦେଶ ଜ୍ଞାନର କଥାରୁ ତୁମ୍ଭକୁ ଭୁଲାଏ, ତାହା ଶୁଣିବାରୁ ନିବୃତ୍ତ ହୁଅ" (ହିତୋ ୧୯:୨୦,୨୭) ।

ଲୋକମାନେ ଯାହାସବୁ କହନ୍ତି ତାକୁ ଗ୍ରହଣ କରିବା ବା ଅଗ୍ରାହ୍ୟ କରିବାର ସାମର୍ଥ୍ୟ ଆମେ ବିକଶିତ କରିବା ଉଚିତ ।

ଲୋକମାନେ ଯାହାସବୁ କହନ୍ତି ତାହା ଆମ ପ୍ରାଣକୁ (ଅର୍ଥାତ୍ ମନ, ଇଚ୍ଛା ଓ ଆବେଗ) ଆଶୀର୍ବାଦ କରିପାରେ ବା ଆଘାତ ଆଣି ଦେଇପାରେ ।

ତେଣୁକରି, ନକାରାତ୍ମକ କଥାଗୁଡ଼ିକୁ ବ୍ୟର୍ଥ କରିବା ଓ ପ୍ରଭାବକୁ ସୀମିତ କରିବା ପାଇଁ ଆମର ସାମର୍ଥ୍ୟ ରହିବା ଆବଶ୍ୟକ ।

ଲୋକମାନେ ଯେଉଁସବୁ ନକାରାତ୍ମକ କଥା କହନ୍ତି, ତାକୁ ନିଷ୍ଫଳ କରିବାକୁ ଯାଇ ଈଶ୍ୱର ଆପଣଙ୍କ ବିଷୟରେ ଯାହା କହିସାରିଛନ୍ତି, ତାହା କହନ୍ତୁ । "ମୋ' ବିଷୟରେ ଈଶ୍ୱର ଯାହା କହନ୍ତି ମୁଁ ତାହା ଅଟେ । ମୁଁ ଯାହା କରିପାରିବି ବୋଲି ଈଶ୍ୱର କହନ୍ତି ମୁଁ ତାହା କରିପାରିବି । ଈଶ୍ୱର ଯାହାସବୁ ପ୍ରତିଜ୍ଞା କରିଛନ୍ତି ମୁଁ ତାହା ହୋଇ ପାରିବି ।"

## ୩.୧୪. ଦୁଶ୍ଚିନ୍ତାକୁ ଜୟ କରିବା

"ଯାହାର ମନ ତୁମ୍ଭଠାରେ ସ୍ଥିର ଥାଏ, ତାହାକୁ ତୁମ୍ଭେ ସମ୍ପୂର୍ଣ୍ଣ ଶାନ୍ତିରେ ରଖିବ; କାରଣ ସେ ତୁମ୍ଭଠାରେ ନିର୍ଭର ରଖେ" (ଯିଶା ୨୬:୩) ।

ସମ୍ପୂର୍ଣ୍ଣ ଶାନ୍ତି (shalom shalom)

ମନ (ଏବ୍ରୀ yester) = ଭାବନା, ମାନସିକ ଗଢ଼ଣ, ଯାହା ଗଠିତ ହୋଇଅଛି, କଳ୍ପନା, କାର୍ଯ୍ୟ

ସ୍ଥିର ଥାଏ = ଆଉଜି ପଡ଼ିବା, ବିଶ୍ରାମ କରିବା

ସମ୍ପୂର୍ଣ୍ଣ ଶାନ୍ତିରେ ଚାଲିବାକୁ ହେଲେ ଆମେ ଆମର ମନକୁ ଶୃଙ୍ଖଳିତ କରି ପ୍ରଭୁଙ୍କଠାରେ ବିଶ୍ରାମ ନେବା, ନିର୍ଭର ରଖିବା । ଆମର ଚିନ୍ତାଧାରା ଏପରି ହେବାକୁ ହେବ ଯାହା ପ୍ରଭୁଙ୍କ ଉପରେ ନିର୍ଭରତାକୁ ବ୍ୟକ୍ତ କରୁଥିବ ଓ ପ୍ରଭୁଙ୍କଠାରେ ନିର୍ଭରତା ଯୋଗୁଁ ଆମେ ଯାହାସବୁ ଫଳ ପାଇଲୁ ତାହା ପ୍ରକାଶ କରୁଥିବ ।

"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ; ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ" (ମାଥିଉ ୧୧:୨୮-୩୦) ।

"ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି" (୧ ପିତର ୫:୭) ।

"କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ" (ଫିଲ୍ଲିପୀ ୪:୬,୭) ।

ପ୍ରାର୍ଥନା ଦ୍ୱାରା ଆମେ ଆମର ଦୁଶ୍ଚିନ୍ତାସବୁକୁ ଜଣାଇବାକୁ ହେବ, ଯଦ୍ୱାରା ତାଙ୍କର ଶାନ୍ତି ଆମର ହୃଦୟ ଓ ମନକୁ ରକ୍ଷା କରିବ । ପ୍ରାର୍ଥନା ମାଧ୍ୟମରେ ଆମେ ଆମର ବୋଝସବୁକୁ ତାଙ୍କର ପାଦତଳେ ଥୋଇବା ଆବଶ୍ୟକ ।

## କ'ଣ କରିବେ ?

ସମ୍ପ୍ରତି ଆପଣଙ୍କ ଜୀବନର ତିନୋଟି ବଡ଼ ଦୁଶ୍ଚିନ୍ତା କ'ଣ ?

୧.

୨.

୩.

ନୀରବ ରହନ୍ତୁ, ପ୍ରାର୍ଥନା କରନ୍ତୁ ଓ ତାଙ୍କର ଶାନ୍ତି ପାଇବା ପାଇଁ ନିଜର ସମସ୍ତ ଚିନ୍ତାର ଭାର ତାଙ୍କଠାରେ ରଖନ୍ତୁ ।

## ୩.୧୫. ଦୃଢ଼ଗଡ଼ସବୁକୁ ଭୂମିସାତ୍ କରିବା

ଦୃଢ଼ଗଡ଼ସବୁକୁ ଭୂମିସାତ୍ କରିବାକୁ ହେଲେ କିଛି କାର୍ଯ୍ୟ କରିବା ଆବଶ୍ୟକ ।

ପ୍ରତିଦିନ ଚିନ୍ତା, ତର୍କବିତର୍କ ଓ କଳ୍ପନାସବୁର ଆତଯାତ ଲାଗି ରହିଥାଏ । କିନ୍ତୁ ଦୃଢ଼ଗଡ଼ସବୁ ନିର୍ମିତ ହେବାକୁ ଅନେକ ଦିନ ଲାଗିଯାଇଛି ।

- ମନପରିବର୍ତ୍ତନ କରନ୍ତୁ । ନିଜର ଚିନ୍ତାକୁ ବଦଳାନ୍ତୁ । ଅନ୍ୟ ବିଷୟ ଚିନ୍ତା କରନ୍ତୁ ।
- ସେହି କ୍ଷେତ୍ରକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରନ୍ତୁ ।

"ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ; ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ ।" (ଯାକୁବ ୪:୭)

- ପ୍ରବେଶ କରିଥିବା ଦୁଷ୍ଟାତ୍ମାମାନଙ୍କୁ ଅଗ୍ରାହ୍ୟ (ପ୍ରତିରୋଧ) କରନ୍ତୁ ।
- ଆପଣଙ୍କର କୌଣସି କାର୍ଯ୍ୟ ଯଦି ଦୁଷ୍ଟାତ୍ମାମାନଙ୍କର କାର୍ଯ୍ୟ ନିମନ୍ତେ ଦ୍ୱାର ଖୋଲିଦିଏ, ତେବେ ସେପରି କାର୍ଯ୍ୟସବୁକୁ ପରିତ୍ୟାଗ କରନ୍ତୁ ।
- ଇଟାଗୁଡ଼ିକ ବାହାର କରିପକାନ୍ତୁ । ଦୃଢ଼ଗଡ, ଚିନ୍ତାସବୁ ଦ୍ୱାରା ନିର୍ମିତ ହୋଇଥିବା ଗୃହ ଅଟେ । ଏହି ଦୃଢ଼ଗଡ଼କୁ ଗଢ଼ିଥିବା ପ୍ରତ୍ୟେକ ଇଟାକୁ ଈଶ୍ୱରଙ୍କ ବାକ୍ୟଦ୍ୱାରା ସେଠାରୁ ସ୍ଥାନଚ୍ୟୁତ କରିବାକୁ ହେବ । ଈଶ୍ୱରଙ୍କ ବାକ୍ୟ ହାତୁଡ଼ି ସଦୃଶ ଯାହା ସେସବୁକୁ ଖଣ୍ଡବିଖଣ୍ଡ କରିଦେବ (ଯିରି ୨୩:୨୯) ।

## ୩.୧୬. ଆମର ସାହାଯ୍ୟ ନିମନ୍ତେ ଶାସ୍ତ୍ରାଂଶ

କିପରି ରକ୍ଷା ପାଇବା

- ନାରୀ ପ୍ରତି ଲାଳସାରୁ

"ତୁମ୍ଭ ଅନ୍ତଃକରଣରେ ତାହାର ସୌନ୍ଦର୍ଯ୍ୟକୁ ଲୋଭ କର ନାହିଁ; ଅବା ତାହାର କଟାକ୍ଷରେ ତୁମ୍ଭକୁ ଧରିବାକୁ ତାକୁ ଦିଅ ନାହିଁ" (ହିତୋ ୬:୨୫) ।

"ତୁମ୍ଭେ ସ୍ତ୍ରୀଲୋକଙ୍କୁ ଆପଣା ବଳ ଦିଅ ନାହିଁ, ଅବା ରାଜାମାନେ ଯହିଁରେ ବିନଷ୍ଟ ହୁଅନ୍ତି, ତହିଁରେ ଗତି କର ନାହିଁ" (ହିତୋ ୩୧:୩) ।

- ଭୟରୁ

"କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି" (୨ତୀମଥି ୧:୭) ।

"କେହି ନ ଗୋଡ଼ାଇଲେ ହେଁ ଦୁଷ୍ଟ ପଳାଏ, ମାତ୍ର ଧାର୍ମିକମାନେ ସିଂହ ପରି ସାହସିକ" (ହିତୋ ୨୮:୧) ।

- ଅଗ୍ରାହ୍ୟକରଣରୁ

"ଯେଣୁ ତୁମ୍ଭେ ଧାର୍ମିକକୁ ଆଶୀର୍ବାଦ କରିବ; ହେ ସଦାପ୍ରଭୋ, ତୁମ୍ଭେ ତାହାକୁ ଢାଲ ପରି ଅନୁଗ୍ରହରେ ବେଷ୍ଟନ କରିବ" (ଗୀତ ୫:୧୨) ।

"ଯେଉଁମାନେ ତୁମ୍ଭଙ୍କୁ ଭୟ କରନ୍ତି, ସେମାନେ ମୋତେ ଦେଖି ଆନନ୍ଦିତ ହେବେ; କାରଣ ମୁଁ ତୁମ୍ଭ ବାକ୍ୟରେ ଭରସା ରଖିଅଛି" (ଗୀତ ୧୧୯:୭୪) ।

- ଦୁଶ୍ଚିନ୍ତାରୁ

"କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ" (ଫିଲିପ୍ପୀ ୪:୬,୭) ।

- ବିଭ୍ରମ ବା ବିଶୃଙ୍ଖଳାରୁ

"କାରଣ ଈଶ୍ୱର ବିଶୃଙ୍ଖଳାର ଈଶ୍ୱର ନୁହଁନ୍ତି, ମାତ୍ର ଶାନ୍ତିର ଈଶ୍ୱର, ସାଧୁମାନଙ୍କର ସବୁ ମଣ୍ଡଳୀରେ ଯେପରି ହୋଇଥାଏ" (୧ କରିନ୍ଥୀ ୧୪:୩୩) ।

- ଏକାଗ୍ରତାର ଅଭାବରୁ

"କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାଁନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି" (୨ ତୀମଥି ୧:୭) ।

ଏକ ସୁସ୍ଥ ମନରେ ଏକ ସୁସ୍ଥ ସ୍ମୃତିଶକ୍ତି, ସୁସ୍ଥ ଏକାଗ୍ରତା ଓ ଏକ ସୁସ୍ଥ ବୁଦ୍ଧିମତା ରହିଥାଏ ।

- ଦଣ୍ଡାଜ୍ଞାରୁ (ଅଭିଯୋଗ, ଦୋଷ, ଅଯୋଗ୍ୟତା)

"ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ । ଈଶ୍ୱରଙ୍କ ମନୋନୀତ ଲୋକମାନଙ୍କ ବିରୁଦ୍ଧରେ କିଏ ଅଭିଯୋଗ କରିବ ? ଈଶ୍ୱର ତ ସେମାନଙ୍କୁ ଧାର୍ମିକ ବୋଲି ଗଣନା କରନ୍ତି । କିଏ ଦଣ୍ଡାଜ୍ଞା ଦେବ ? ଖ୍ରୀଷ୍ଟ ଯୀଶୁ ତ ମୃତ୍ୟୁଭୋଗ କଲେ, ବରଂ ସେ ଉତ୍ଥାପିତ ହେଲେ, ସେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି, ସେ ମଧ୍ୟ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରୁଅଛନ୍ତି" (ରୋମୀୟ ୮:୧, ୩୩, ୩୪) ।

# ୪
# ମନର ନୂତନୀକରଣ

## ୪.୧. ପୁନର୍ଜନ୍ମ ପୂର୍ବରୁ ଆମ ମନର ଅବସ୍ଥା କ'ଣ ଥିଲା ?

- ଜ୍ଞାନଚକ୍ଷୁ ଅନ୍ଧ

"କିନ୍ତୁ ସେମାନଙ୍କ ଜ୍ଞାନଚକ୍ଷୁ ଜଡ଼ୀଭୂତ ହୋଇଅଛି, କାରଣ ଆଜି ପର୍ଯ୍ୟନ୍ତ ପୁରାତନ ନିୟମ ପାଠ ସମୟରେ ସେହି ଆବରଣ ପୂର୍ବ ପରି ରହିଅଛି, ଆଉ ଖ୍ରୀଷ୍ଟଙ୍କଠାରେ ସେହି ଆବରଣର ଯେ ଲୋପ ହେଉଅଛି, ଏହା ପ୍ରକାଶ ପାଉ ନାହିଁ" (୨ କରିନ୍ଥୀ ୩:୧୪) ।

"କିନ୍ତୁ ଯଦ୍ୟପି ଆମ୍ଭମାନଙ୍କ ସୁସମାଚାର ଆଚ୍ଛାଦିତ ଥାଏ, ତାହା ବିନାଶପ୍ରାପ୍ତମାନଙ୍କ ପକ୍ଷରେ ଆଚ୍ଛାଦିତ; ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କ ଗୌରବମୟ ସୁସମାଚାରର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥି ନିମନ୍ତେ ଏହି ଜଗତ୍‌ପତି ଅବିଶ୍ୱାସୀମାନଙ୍କର ଜ୍ଞାନଚକ୍ଷୁ ଅନ୍ଧ କରିଅଛି" (୨ କରନ୍ଥୀ ୪:୩,୪) ।

- ଅଶୁଚି ଓ ଭ୍ରଷ୍ଟ

"ଏହି ସଂସାରର ଭାବ ଅନୁସାରେ, ପୁଣି ଆକାଶମଣ୍ଡଳ ରାଜ୍ୟର ଅଧିପତି, ଅର୍ଥାତ୍ ଯେଉଁ ଆତ୍ମା ଏବେହେଁ ଅନାଜ୍ଞାବହ ସନ୍ତାନମାନଙ୍କଠାରେ କାର୍ଯ୍ୟ ସାଧନ କରୁଅଛି, ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ମଧ୍ୟ ପୂର୍ବରେ ଆଚରଣ କରି ଅପରାଧ ଓ ପାପରେ ମୃତ ଥିଲ; ସେହି ଅନାଜ୍ଞାବହ ସନ୍ତାନମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ୟ ଏକ ସମୟରେ ଆମ୍ଭମାନଙ୍କ ଶାରୀରିକ ଅଭିଳାଷ ଅନୁସାରେ ଜୀବନ ଯାପନ କରି ଶାରୀରିକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ, ପୁଣି ଅନ୍ୟମାନଙ୍କ ପରି ସୁଦ୍ଧା ସ୍ୱଭାବତଃ କ୍ରୋଧର ପାତ୍ର ଥିଲୁ" (ଏଫିସୀ ୨:୧-୩) ।

- ଅସାର

"ଅତଏବ, ମୁଁ ପ୍ରଭୁଙ୍କ ନାମରେ ବିଶେଷ ଅନୁରୋଧ କରି କହୁଅଛି, ବିଜାତିମାନେ ଯେପରି ଆପଣା ଆପଣା ମନର ଅସାରତାରେ ଆଚରଣ କରନ୍ତି, ତୁମ୍ଭେମାନେ ସେହିପରି ଆଚରଣ କର ନାହିଁ" (ଏଫିସୀ ୪:୧୭) ।

- ଶାରୀରିକ

"କାରଣ ଯେଉଁମାନେ ଶାରୀରିକମନା, ସେମାନେ ଶାରୀରିକ ବିଷୟରେ ମନୋଯୋଗ କରନ୍ତି, କିନ୍ତୁ ଯେଉଁମାନେ ଆତ୍ମିକମନା, ସେମାନେ ଆତ୍ମିକ ବିଷୟରେ ମନୋଯୋଗ କରନ୍ତି । କାରଣ ଶାରୀରିକ

ଭାବ ମୃତ୍ୟୁଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତିଦାୟକ; ଯେଣୁ ଶାରୀରିକ ଭାବ ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା; କାରଣ ତାହା ଈଶ୍ୱରଙ୍କ ବ୍ୟବସ୍ଥାର ବଶୀଭୂତ ନୁହେଁ, ପୁଣି ବଶୀଭୂତ ହେବା ଅସମ୍ଭବ; ଯେଉଁମାନେ ଶରୀରର ବଶରେ ଅଛନ୍ତି, ସେମାନେ ଈଶ୍ୱରଙ୍କର ସନ୍ତୋଷପାତ୍ର ହୋଇ ପାରନ୍ତି ନାହିଁ" (ରୋମୀୟ ୮:୫-୮)।

- ମନରେ ଈଶ୍ୱରଙ୍କର ଶତ୍ରୁ

"ଆଉ, ପୂର୍ବେ ଦୁଷ୍କର୍ମ କରି ତୁମ୍ଭେମାନେ ଈଶ୍ୱରଙ୍କଠାରୁ ପୃଥକ୍ ଓ ମନରେ ତାହାଙ୍କର ଶତ୍ରୁ ଥିଲ, କିନ୍ତୁ ଏବେ ସେ ମିଳିତ କରିଅଛନ୍ତି "(କଲସୀ ୧:୨୧)।

- ଭ୍ରଷ୍ଟ ମନ

"ଆଉ, ଯେପରି ସେମାନେ ଈଶ୍ୱରବିଷୟକ ଜ୍ଞାନ ଗ୍ରହଣ କରିବାକୁ ଅସ୍ୱୀକୃତ ହେଲେ, ସେହିପରି ଈଶ୍ୱର ଅନୁଚିତ କର୍ମ କରିବା ନିମନ୍ତେ ସେମାନଙ୍କୁ ଭ୍ରଷ୍ଟ ମତିରେ ସମର୍ପଣ କଲେ" (ରୋମୀୟ ୧:୨୮)।

- ଜାଗତିକ-ମନା

"ସେମାନଙ୍କ ପରିଣାମ ବିନାଶ, ଉଦର ସେମାନଙ୍କ ଦେବତା, ସେମାନେ ଆପଣା ଆପଣା ଲଜ୍ଜାକୁ ଦର୍ପର ବିଷୟ ମନେ କରନ୍ତି, ପୁଣି ପାର୍ଥିବ ବିଷୟଗୁଡ଼ାକରେ ଆସକ୍ତ ଅଟନ୍ତି" (ଫିଲିପୀ ୩:୧୯)।

- ସାଂସାରିକ ମନ ଦ୍ୱାରା ବୃଥା ଗର୍ବିତ

"ପୁଣି, କେହି ନମ୍ରତା ଓ ଦୂତମାନଙ୍କ ପୂଜାରେ ସନ୍ତୋଷ ପାଇ ଦର୍ଶନରେ ଦେଖିଥିବା ବିଷୟଗୁଡ଼ାକ ଅନୁସନ୍ଧାନ କରି ଓ ଆପଣା ସାଂସାରିକ ମନ ଦ୍ୱାରା ବୃଥା ଗର୍ବିତ ହୋଇ ମସ୍ତକସ୍ୱରୂପ ଯେ ଖ୍ରୀଷ୍ଟ, ତାହାଙ୍କୁ ନ ଧରି ପୁରସ୍କାରରୁ ବଞ୍ଚିତ ନ କରୁ" (କଲସୀ ୨:୧୮)।

- କଳୁଷିତ ମନ

"ଶୁଚି ଲୋକମାନଙ୍କ ନିମନ୍ତେ ସମସ୍ତହିଁ ଶୁଚି; କିନ୍ତୁ କଳୁଷିତ ଓ ଅବିଶ୍ୱାସୀମାନଙ୍କ ନିମନ୍ତେ କୌଣସି ବିଷୟ ଶୁଚି ନୁହେଁ, ବରଂ ସେମାନଙ୍କ ମନ ଓ ବିବେକ ଉଭୟହିଁ କଳୁଷିତ" (ତିତସ ୧:୧୫)।

ପୁନର୍ଜନ୍ମ ପରେ ମଧ୍ୟ ଜଣେ ବିଶ୍ୱାସୀର ଏହିସବୁ ମାନସିକ ଅବସ୍ଥା ବଜାୟ ରହିପାରେ ।

## ୪.୨. ମନର ନୂତନୀକରଣ କ'ଣ ?

"ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀ ୧୨:୨)।

ମନର (ବୋଧ ଶକ୍ତି, ଧୀମତ୍ତା) ନୂତନୀକରଣ (ଭଲ ଅବସ୍ଥାକୁ ଆଣିବା, ସଂସ୍କାର ଆଣିବା) ଦ୍ୱାରା ପରିବର୍ତ୍ତିତ ହେବା ।

"ଅର୍ଥାତ୍ ତୁମ୍ଭେମାନେ ତୁମ୍ଭମାନଙ୍କ ପୁରାତନ ଆଚରଣ ସମ୍ବନ୍ଧରେ, ଯେଉଁ ପୁରାତନ ସ୍ୱଭାବ ପ୍ରବଞ୍ଚନାର ବିଳାସିତା ଅନୁସାରେ ଅଧିକରୁ ଅଧିକ ଭ୍ରଷ୍ଟ ହେଉଅଛି, ତାହାକୁ ପରିତ୍ୟାଗ କରିବାକୁ, ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ, ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ" (ଏଫିସୀ ୪:୨୨-୨୪) ।

ଆମ ମନର ଦୃଷ୍ଟିଭଙ୍ଗୀରେ ଆମେ ନୂତନୀକୃତ ହେବା ଆବଶ୍ୟକ ।

"ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଙ୍କଳ୍ପ ପରିତ୍ୟାଗ କରୁ; ପୁଣି, ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ; ଆଉ, ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳରୂପରେ କ୍ଷମା କରିବେ । ଯେହେତୁ ସଦାପ୍ରଭୁ କହନ୍ତି, ଆମ୍ଭର ସଙ୍କଳ୍ପସକଳ ତୁମ୍ଭମାନଙ୍କ ସଙ୍କଳ୍ପ ପରି ନୁହେଁ, କିଅବା ତୁମ୍ଭମାନଙ୍କର ମାର୍ଗସକଳ ଆମ୍ଭର ମାର୍ଗ ପରି ନୁହେଁ । କାରଣ ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ଆମ୍ଭର ମାର୍ଗସକଳ ତୁମ୍ଭମାନଙ୍କର ମାର୍ଗ ଅପେକ୍ଷା ଓ ଆମ୍ଭର ସଙ୍କଳ୍ପସକଳ ତୁମ୍ଭମାନଙ୍କ ସଙ୍କଳ୍ପ ଅପେକ୍ଷା ଉଚ୍ଚତର ଅଟେ" (ଯିଶା ୫୫:୭-୯) ।

ପଥସବୁ (ଏବ୍ରୀ derek) = ଏକ ବ୍ୟବହୃତ ହେଉଥିବା ରାସ୍ତା; ସାଙ୍କେତିକଭାବେ ଜୀବନର ଗତିପଥ ବା କାର୍ଯ୍ୟ ପ୍ରଣାଳୀ, ପ୍ରଥା, ଧାରା, ଯାତ୍ରା ।

"ଆମ ମନର ନୂତନୀକରଣ"ରେ ଆମେ ଶାରୀରିକ, ପାର୍ଥିବ, ଭ୍ରଷ୍ଟ ଚିନ୍ତାଧାରା ଓ ମାର୍ଗଗୁଡ଼ିକୁ ପରିତ୍ୟାଗ କରୁ ଓ ଈଶ୍ୱରଙ୍କ ଚିନ୍ତାଧାରା ଓ ଈଶ୍ୱରଙ୍କ ମାର୍ଗସବୁକୁ ଅନୁସରଣ କରୁ ।

"ଆଉ ପବିତ୍ରଆତ୍ମା ମଧ୍ୟ ଆମ୍ଭମାନଙ୍କୁ ସାକ୍ଷ୍ୟ ଦିଅନ୍ତି; କାରଣ ପ୍ରଭୁ ଏହି କଥା କହନ୍ତି, ସେହି ସମୟ ଉତ୍ତାରେ ଆମ୍ଭେ ସେମାନଙ୍କ ସହିତ ଯେଉଁ ନିୟମ ସ୍ଥାପନ କରିବା, ତାହା ଏହି, ଆମ୍ଭେ ସେମାନଙ୍କ ହୃଦୟରେ ଆପଣା ବ୍ୟବସ୍ଥା ଦେବା, ପୁଣି, ସେମାନଙ୍କ ମନରେ ସେହିସବୁ ଲେଖିବା" (ଏବ୍ରୀ ୧୦:୧୫-୧୬) । (ଏବ୍ରୀ ୮:୧୦-୧୨କୁ ମଧ୍ୟ ଦେଖନ୍ତୁ)

ଆମର ଚିନ୍ତାଭାବନା ଓ କଳ୍ପନାସବୁରେ ତାହାଙ୍କ ବାକ୍ୟ ଲିପିବଦ୍ଧ ହୋଇ ରହୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । ମନର ନୂତନୀକରଣ ଏକ ପ୍ରଗତିଶୀଳ, ପୌନଃପୁନିକ ପ୍ରକ୍ରିୟା । ଏହା ସବୁ ସମୟରେ ଚାଲୁ ରଖିବାକୁ ହେବ ।

ଈଶ୍ୱରଙ୍କ ବାକ୍ୟରୁ କିଛି ଜାଣିବାର ଅର୍ଥ ଏହା ନୁହେଁ ଯେ ଏହାଦ୍ୱାରା ଆମର ମନ ନୂତନୀକୃତ ହୋଇଯାଇଛି ।

ଆମର ମନ ଯଦି କେତେକ କ୍ଷେତ୍ରରେ ନୂତନୀକୃତ ହୋଇଛି ବୋଲି ଆମେ କହୁ, ତେବେ ଆମ ଜୀବନରେ (ବ୍ୟବହାରରେ) ସେସବୁ କ୍ଷେତ୍ରରେ ପରିବର୍ତ୍ତିତ ଦେଖାଯାଉଥିବା ଦରକାର ।

ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କଲେ ଆମେ ପରିତ୍ରାଣ ପାଇଥାଉ । ତେବେ ପ୍ରକୃତ ପରିବର୍ତ୍ତନ ଈଶ୍ୱରଙ୍କ ବାକ୍ୟ ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଯୋଗୁଁ ହୋଇଥାଏ, ଯେତେବେଳେ ଆମେ ଆମ ମନର ନୂତନୀକରଣ କରିଥାଉ ।

## ୪.୩. ଆମର ମନ ଉପରେ ବାକ୍ୟର ପ୍ରଭାବ

"କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ" (ଏବ୍ରୀ ୪:୧୨) ।

ଈଶ୍ୱରଙ୍କ ବାକ୍ୟ ଆମର ଚିନ୍ତାସକଳ, କଳ୍ପନାସବୁ ଓ ମନର ଭାବନାଗୁଡ଼ିକୁ ବିଚାର (ମୂଲ୍ୟାଙ୍କନ) କରିଥାଏ । ଏଣୁ ଅନୁସିଦ୍ଧାନ୍ତ ଏହି ଯେ ପ୍ରତ୍ୟେକ ଚିନ୍ତା, ତର୍କବିତର୍କ, କଳ୍ପନାକୁ ଈଶ୍ୱରଙ୍କ ବାକ୍ୟ ବିଚାର (ମୂଲ୍ୟାଙ୍କନ, ଓଜନ) କରିବା ଆବଶ୍ୟକ ।

"ଅତଏବ, ତୁମ୍ଭେମାନେ ସମସ୍ତ ଅଶୁଚିତା ଓ ସବୁପ୍ରକାର ଦୁଷ୍ଟତା ପରିତ୍ୟାଗ କରି, ଯେଉଁ ରୋପିତ ବାକ୍ୟ ତୁମ୍ଭମାନଙ୍କ ଆତ୍ମାକୁ ପରିତ୍ରାଣ କରିବା ନିମନ୍ତେ ସମର୍ଥ, ତାହା ନମ୍ରଭାବରେ ଗ୍ରହଣ କର" (ଯାକୁବ ୧:୨୧) ।

ଈଶ୍ୱରଙ୍କ ବାକ୍ୟ ଆମ ମଧ୍ୟରେ ରୋପିତ ହେବା ଆବଶ୍ୟକ । ଏହା ହେଲେ, ଆମର ପ୍ରାଣକୁ ଏହା ପରିତ୍ରାଣ (ଗ୍ରୀକ୍ sodzo = ଉଦ୍ଧାର କରିବା, ରକ୍ଷା କରିବା, ସୁସ୍ଥ କରିବା) କରିବ ।

"ମୁଁ ତୁମ୍ଭମାନଙ୍କୁ ଯେଉଁ ବାକ୍ୟ କହିଅଛି, ସେଥିଯୋଗୁଁ ତୁମ୍ଭେମାନେ ପରିଷ୍କୃତ ହୋଇସାରିଅଛ" (ଯୋହନ ୧୫:୩) ।

"ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ" (ଯୋହନ ୧୭:୧୭) ।

"ଯେପରି ବାକ୍ୟ ଓ ଜଳପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି" (ଏଫିସୀ ୫:୨୬) ।

ଈଶ୍ୱରଙ୍କ ବାକ୍ୟର ଆମମାନଙ୍କ ମନ ଓ ଚିନ୍ତାସବୁକୁ 'ଧୌତ' ଓ 'ପରିଷ୍କାର' କରିବାର ପ୍ରଭାବ ରହିଛି ।

"ତୁମ୍ଭେମାନେ ସତ୍ୟର ଆଜ୍ଞାବହ ହୋଇ ନିଷ୍କପଟ ଭ୍ରାତୃପ୍ରେମ ନିମନ୍ତେ ଆପଣା ଆପଣା ଆତ୍ମାକୁ ଶୁଚି କରିଥିବାରୁ ଅନ୍ତର ସହ ଏକାଗ୍ରଭାବେ ପରସ୍ପରକୁ ପ୍ରେମ କର" (୧ପିତର ୧:୨୨) ।

"ହେ ପ୍ରିୟମାନେ, ମୁଁ ବର୍ତ୍ତମାନ ତୁମ୍ଭମାନଙ୍କ ନିକଟକୁ ଏହି ଦ୍ୱିତୀୟ ପତ୍ର ଲେଖୁଅଛି । ଉଭୟ ପତ୍ରରେ ମୁଁ ତୁମ୍ଭମାନଙ୍କୁ ସେହିସବୁ ସ୍ମରଣ କରାଇ ତୁମ୍ଭମାନଙ୍କ ସରଳ ମନକୁ ଉତ୍ତେଜିତ କରିବାକୁ ଚେଷ୍ଟା କରୁଅଛି" (୨ପିତର ୩:୧) ।

ବାକ୍ୟକୁ ଧ୍ୟାନ କରିବା ଓ ସତ୍ୟର ବାଧ୍ୟ ହେବା ଦ୍ୱାରା ଆମର ମନ ଶୁଚି ହୋଇଥାଏ ।

ଶୁଚି ମନ ଶୟତାନର ଆକ୍ରମଣରୁ ମୁକ୍ତ ନୁହେଁ, ତେବେ ଏପରି ମନରେ ଶୟତାନର ଚିନ୍ତାଗୁଡ଼ିକ ବସା ବାନ୍ଧି ରହିପାରିବ ନାହିଁ ।

## ୪.୪. ଆମର ମନକୁ ନୂତନୀକରଣ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

- ଈଶ୍ୱରଙ୍କୁ ପ୍ରେମ ଓ ଉପାସନା କରିବା ପାଇଁ

"ଯୀଶୁ ଉତ୍ତର ଦେଲେ, ପ୍ରଧାନ ଆଜ୍ଞା ଏହି, ହେ ଇସ୍ରାଏଲ, ଶୁଣ, ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି; ଆଉ, ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର । ଦ୍ୱିତୀୟଟି ଏହି, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର । ଏହି ଆଜ୍ଞାଗୁଡ଼ିକ ଅପେକ୍ଷା ଆଉ କୌଣସି ଶ୍ରେଷ୍ଠତର ଆଜ୍ଞା ନାହିଁ" (ମାର୍କ ୧୨:୨୯-୩୧) ।

ମାର୍କ ୧୨:୩୦ ରେ ଉଲ୍ଲିଖିତ 'ମନ' (ଗ୍ରୀକ୍ dianoia) = ଗଭୀର ଚିନ୍ତା, କଳ୍ପନା, ବୁଦ୍ଧିମତ୍ତା ।

- ଏକ ପରିବର୍ତ୍ତିତ ଜୀବନ ଯାପନ କରିବାପାଇଁ

"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀ ୧୨:୧-୨) ।

ଆମର ମନ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ନୂତନୀକୃତ ହେଲେ ଆମର ଚିନ୍ତାଧାରା, ଆବେଗ ଓ ପ୍ରତିକ୍ରିୟାସକଳ, ଆଚାର ଓ ଜୀବନଶୈଳୀ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହେବ।

- ଈଶ୍ୱରଙ୍କ ଇଚ୍ଛା ପରୀକ୍ଷା କରି ଜାଣିବା ପାଇଁ

"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା। ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀ ୧୨:୧-୨)।

"ପ୍ରଭୁଙ୍କର କଅଣ ସନ୍ତୋଷଜନକ, ତାହା ଅନୁସନ୍ଧାନ କର; ଏଣୁ ନିର୍ବୋଧ ନ ହୋଇ ପ୍ରଭୁଙ୍କର ଇଚ୍ଛା କଅଣ ତାହା ବୁଝ" (ଏଫିସୀ ୫:୧୦,୧୭)।

- ଭଲ (ଯଥାର୍ଥ) ଓ ମନ୍ଦ (ଭୁଲ) ନିରୂପଣ କରିବା ପାଇଁ

"ଯେ ଦୁଗ୍ଧପାୟୀ, ସେ ତ ଧାର୍ମିକତାର ବାକ୍ୟ ବିଷୟରେ ଅଭ୍ୟସ୍ତ ନୁହେଁ, କାରଣ ସେ ଶିଶୁମାତ୍ର। କିନ୍ତୁ ବୟଃପ୍ରାପ୍ତ ଲୋକେ, ଅର୍ଥାତ୍ ଯେଉଁମାନେ ଜ୍ଞାନେନ୍ଦ୍ରିୟଗୁଡ଼ିକର ଅଭ୍ୟାସ ଦ୍ୱାରା ଭଲ ମନ୍ଦ ନିରୂପଣ କରିବାକୁ ସକ୍ଷମ, ସେମାନଙ୍କ ନିମନ୍ତେ ଗୁରୁପାକ ଖାଦ୍ୟ ପ୍ରୟୋଜନ" (ଏବ୍ରୀ ୫:୧୩-୧୪)।

ଈଶ୍ୱରଙ୍କ ବାକ୍ୟକୁ ସର୍ବଦା ବ୍ୟବହାର କରିବା ଦ୍ୱାରା ଜ୍ଞାନେନ୍ଦ୍ରିୟଗୁଡ଼ିକ ତତ୍‌କ୍ଷଣାତ୍ ଭଲ ଓ ମନ୍ଦ ନିରୂପଣ କରିବା ପାଇଁ ପ୍ରଶିକ୍ଷିତ ଓ ସକ୍ଷମ ହୋଇଥାନ୍ତି।

- ଈଶ୍ୱରଙ୍କ ବାକ୍ୟକୁ ବୁଝିବା ପାଇଁ

"କିନ୍ତୁ ଯେ ବାକ୍ୟ ଶୁଣି ବୁଝେ ଓ ପ୍ରକୃତରେ ଫଳ ଫଳେ, କେହି ଶଏ ଗୁଣ, କେହି ଷାଠିଏ ଗୁଣ, କେହି ତିରିଶ ଗୁଣ, ସେହି ଜଣକ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ" (ମାଥିଉ ୧୩:୨୩)।

"ଥେସଲନୀକୀରେ ଥିବା ଯିହୂଦୀମାନଙ୍କଠାରୁ ଏମାନେ ସୁଶୀଳ ଥିଲେ। ଏମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କଲେ, ପୁଣି ଏହିସମସ୍ତ ସତ୍ୟ କି ନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ" (ପ୍ରେରିତ ୧୭:୧୧)।

"ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟେକାରୀର ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର" (୨ତୀମଥି ୨:୧୫)।

- ଖ୍ରୀଷ୍ଟଙ୍କଠାରେ ଏକ ପ୍ରକୃତ ଆତ୍ମ-ପ୍ରତିକୃତି ବଜାୟ ରଖିବା ପାଇଁ

"କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାକୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ । କାରଣ ଯଦି କେହି ବାକ୍ୟର କର୍ମକାରୀ ନ ହୋଇ ଶ୍ରୋତାମାତ୍ର ହୁଏ, ତେବେ ସେ ଦର୍ପଣରେ ଆପଣାର ସ୍ୱାଭାବିକ ମୁଖ ଦର୍ଶନ କରୁଥିବା ମନୁଷ୍ୟର ତୁଲ୍ୟ, ଯେଣୁ ସେ ଆପଣାକୁ ଦେଖିଲା ଉତ୍ତାରେ ଚାଲିଯାଇ, ସେ କିପ୍ରକାର ଲୋକ, ତାହା ସେହିକ୍ଷଣି ଭୁଲିଯାଏ" (ଯାକୁବ ୧:୨୨-୨୪)।

ବାଇବଲ ଆମର ପ୍ରକୃତ ପ୍ରତିକୃତି ପ୍ରକାଶ କରେ - ଆମେ ପ୍ରକୃତରେ କ'ଣ ଅଟୁ।

- ଆତ୍ମାଙ୍କର ଚାଳନା, ସାକ୍ଷ୍ୟ ଓ ସ୍ୱରକୁ ଜାଣିବା ପାଇଁ

"କିନ୍ତୁ ସେ ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ । ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ' ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ । ଯାହା ଯାହା ପିତାଙ୍କର, ସେହିସବୁ ମୋହର; ଏହିହେତୁ ମୁଁ କହିଲି, ସେ ମୋହର ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ" (ଯୋହନ ୧୬:୧୩-୧୫) ।

"ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ । କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ; ତଦ୍ଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ । ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି" (ରୋମୀ ୮:୧୪-୧୬) ।

ଏକ ନୂତନୀକୃତ ମନ ଆତ୍ମାଙ୍କର ସ୍ୱର ଓ ଆମ ଆବେଗର ସ୍ୱର ମଧ୍ୟରେ ପ୍ରଭେଦ ଜାଣିବାରେ ସାହାଯ୍ୟ କରିବ।

- ନିଜକୁ (ଓ ନିଜର ମନକୁ) ଭ୍ରଷ୍ଟ ହେବାରୁ ରକ୍ଷା କରିବା ପାଇଁ

"କିନ୍ତୁ ସର୍ପ ଆପଣା ଧୂର୍ତ୍ତତାରେ ହବ୍ବାଙ୍କୁ ଯେପରି ଭୁଲାଇଲା, ସେହିପରି କାଳେ ତୁମ୍ଭମାନଙ୍କ ମନ ଖ୍ରୀଷ୍ଟଙ୍କ ପ୍ରତି ସରଳତା ଓ ପବିତ୍ରତାରୁ ଭ୍ରଷ୍ଟ ହୁଏ, ମୋହର ଏହି ଭୟ ହେଉଅଛି" (୨କରିନ୍ଥୀ ୧୧:୩)।

"ପୁଣି ଯେଉଁମାନେ ଈଶ୍ୱରପରାୟଣତାକୁ ଲାଭର ଉପାୟ ବୋଲି ମନେ କରନ୍ତି, ଏପରି ଭ୍ରଷ୍ଟମନା ଓ ସତ୍ୟବର୍ଜିତ ଲୋକମାନଙ୍କର ନିତ୍ୟ ବିରୋଧ ଜନ୍ମେ" (୧ ତୀମଥି ୬:୫) ।

"ଆଉ ଯେପରି ଯନ୍ନୀସ୍ ଓ ଯମ୍ବ୍ରୀସ୍ ମୋଶାଙ୍କର ପ୍ରତିରୋଧ କରିଥିଲେ, ସେହିପରି ଏହି ପୁରୁଷମାନେ ମଧ୍ୟ ସତ୍ୟର ପ୍ରତିରୋଧ କରନ୍ତି; ଏମାନେ ଭ୍ରଷ୍ଟମନା ହୋଇ ବିଶ୍ୱାସ ସମ୍ବନ୍ଧରେ ପ୍ରମାଣସିଦ୍ଧ ନୁହଁନ୍ତି" (୨ ତୀମଥି ୩:୮) ।

ଭ୍ରାନ୍ତ ଶିକ୍ଷା ଓ ମନ୍ଦ ପ୍ରଭାବ ଆମର ମନକୁ ଭ୍ରଷ୍ଟ କରିପାରେ। ଈଶ୍ୱରଙ୍କ ବାକ୍ୟାନୁଯାୟୀ ଆମେ ଆମର ମନକୁ ନୂତନୀକରଣ କଲେ ଆମେ ମନକୁ ଭ୍ରଷ୍ଟହେବାରୁ ରକ୍ଷା କରିପାରିବା।

## ୪.୫. ଶିକ୍ଷା କରିବାର ପ୍ରକ୍ରିୟା

ଜ୍ଞାନ→ଅନୁଭୂତି→ପୁନରାବୃତ୍ତି→ପର୍ଯ୍ୟବେକ୍ଷଣ→ଅନୁଶୀଳନ ବା ବିଶ୍ଳେଷଣ→ଅଭିନିବେଶ

ଏହି ପ୍ରକ୍ରିୟାକୁ ଅନୁସରଣ କରି ଆମେ ଈଶ୍ୱରଙ୍କ ବାକ୍ୟକୁ ଆମ ହୃଦୟ ଓ ମନରେ ନିଜସ୍ୱ କରିବାକୁ ହେବ।

## ୪.୬. ଈଶ୍ୱରଙ୍କ ବାକ୍ୟର ଧ୍ୟାନ

"ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର; ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ" (ଯିହୋଶୂୟ ୧:୮) ।

"ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ; ପୁଣି, ସେ ଯାହା କରେ, ତାହା ସଫଳ ହେବ" (ଗୀତ ୧:୩) ।

ତାହାଙ୍କର ବାକ୍ୟକୁ ଧ୍ୟାନ କରିବା ପାଇଁ ଈଶ୍ୱର ତାଙ୍କ ଲୋକମାନଙ୍କୁ ଶିକ୍ଷା ଦେଇଥିଲେ।

ଈଶ୍ୱରଙ୍କ ବାକ୍ୟକୁ କେବଳ ପଢ଼ିଦେବା ଯଥେଷ୍ଟ ନୁହେଁ ଆମେ ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରିବା ବିଷୟ ଶିକ୍ଷା କରିବା ଆବଶ୍ୟକ।

ଧ୍ୟାନ କରିବା ପ୍ରକ୍ରିୟାରେ ନିମ୍ନ ବିଷୟମାନ ରହିଛି:

- ଅନୁଧ୍ୟାନ (contemplation)
- ଅନୁମାନ (visualization)
- ଅଙ୍ଗୀକାର ବା ସ୍ୱୀକାର (confession)

(ଏ ବିଷୟରେ ଅଧିକ ଜାଣିବା ପାଇଁ All Peoples Church ର ୱେବ୍‌ସାଇଟ୍ ରେ ଉପଲବ୍ଧ ଓଡ଼ିଆ ପୁସ୍ତକ 'ଈଶ୍ୱରଙ୍କ ବାକ୍ୟ' ପଠନ କରନ୍ତୁ।)

## ୪.୭. ଶାସ୍ତ୍ରାଂଶ ମୁଖସ୍ଥ କରିବାର ଶୃଙ୍ଖଳା

"ଯୁବା ମନୁଷ୍ୟ କିପ୍ରକାରେ ଆପଣା ପଥ ପରିଷ୍କାର କରିବ ? ତୁମ୍ଭ ବାକ୍ୟାନୁଯାୟୀ ତହିଁ ବିଷୟରେ ସାବଧାନ ହେଲେ କରିବ" (ଗୀତ ୧୧୯:୯)।

ପଦଗୁଡ଼ିକ ଉଦ୍ଦେଶ୍ୟମୂଳକ ଭାବେ ମୁଖସ୍ଥ କରି ଆମେ ଈଶ୍ୱରଙ୍କ ବାକ୍ୟକୁ ଆମ ହୃଦୟରେ ସଂଚୟ କରି ରଖିବାକୁ ହେବ।

ଈଶ୍ୱରଙ୍କ ବାକ୍ୟ ମୁଖସ୍ଥ କରିବାର କେତେକ ବ୍ୟାବହାରିକ ମାର୍ଗ:

- ଶାସ୍ତ୍ରାଂଶଗୁଡ଼ିକ ଛୋଟ ଛୋଟ କାର୍ଡ଼ରେ ଲେଖି ପ୍ରତିଦିନ ସେଗୁଡ଼ିକୁ ପଢ଼ି ମୁଖସ୍ଥ କରନ୍ତୁ।
- କମ୍ପୁଟର୍‌ରେ ଏକ ନୋଟ୍ ବା କେତୋଟି ଷ୍ଟିକି ନୋଟ୍ ବ୍ୟବହାର କରି ପ୍ରତିଦିନ ମନୋନୀତ ଶାସ୍ତ୍ରାଂଶଗୁଡ଼ିକ ମୁଖସ୍ଥ କରନ୍ତୁ।
- ସେହି ଶାସ୍ତ୍ରାଂଶଗୁଡ଼ିକ ପ୍ରତିଦିନ/ ନିୟମିତ ନିଜ ବାଇବଲରୁ ବାହାର କରି ସେଗୁଡ଼ିକ ଉପରେ ଧ୍ୟାନ କରନ୍ତୁ।

"ହେ ମୋହର ପୁତ୍ର, ତୁମ୍ଭେ ଆପଣା ପିତାର ଆଜ୍ଞା ପାଳନ କର, ପୁଣି, ଆପଣା ମାତାର ଆଦେଶ ପରିତ୍ୟାଗ କର ନାହିଁ। ତାହା ସର୍ବଦା ତୁମ୍ଭ ହୃଦୟରେ ବାନ୍ଧି ରଖ, ଆପଣା ଗଳଦେଶରେ ବାନ୍ଧ। ତୁମ୍ଭେ ଚାଲିବା ବେଳେ ତାହା ତୁମ୍ଭକୁ ପଥ ଦେଖାଇବ, ଆଉ ଶୋଇବା ବେଳେ ତାହା ତୁମ୍ଭର ପ୍ରହରୀ ହେବ; ତୁମ୍ଭେ ଜାଗିବା ବେଳେ ତାହା ତୁମ୍ଭ ସଙ୍ଗେ ଆଳାପ କରିବ। ଯେହେତୁ ସେହି ଆଜ୍ଞା ପ୍ରଦୀପ; ଓ ସେହି ଆଦେଶ ଆଲୁଅ; ଓ ଶିକ୍ଷାଜନକ ଅନୁଯୋଗ ଜୀବନର ପଥ; ସେ ତୁମ୍ଭକୁ ଦୁଷ୍ଟା ସ୍ତ୍ରୀଠାରୁ ଓ ପରସ୍ତ୍ରୀର ଜିହ୍ୱାର ଚାଟୁବାଦରୁ ରକ୍ଷା କରିବ"(ହିତୋ ୬:୨୦-୨୪)।

ଯଦି ତାଙ୍କର ବାକ୍ୟ ଆମ ହୃଦୟ ମଧ୍ୟରେ ସଞ୍ଚିତ ହୋଇ ରହେ, ତେବେ ଆମେ ଯେଉଁଠାରେ ଥିଲେ ମଧ୍ୟ, ଦିନ ବା ରାତ୍ରିର ଯେକୌଣସି ସମୟରେ - ତାଙ୍କର ବାକ୍ୟ ଆମ ଚିନ୍ତାଧାରାର ଅଂଶବିଶେଷ ହୋଇ ରହିବ। ତାଙ୍କର ବାକ୍ୟ ଆମକୁ କଢ଼ାଇନେବ, ସୁରକ୍ଷା ଦେବ ଓ ଆମ ସଙ୍ଗେ କଥୋପକଥନ କରିବ।

"ମନୁଷ୍ୟର କାର୍ଯ୍ୟ ବୁଝି ମୁଁ ତୁମ୍ଭ ଓଷ୍ଠାଧରର ବାକ୍ୟ ଦ୍ୱାରା ଦୁର୍ଜ୍ଜନର ପଥରୁ ଆପଣାକୁ ରକ୍ଷା କରିଅଛି" (ଗୀତ ୧୭:୪)।

ତାଙ୍କର ବାକ୍ୟ ଦ୍ୱାରା ଆମେ ଦୁର୍ଜ୍ଜନର ପଥରୁ ରକ୍ଷା ପାଇପାରିବା।

## କ'ଣ କରିବେ ?

ସମ୍ପ୍ରତି ଆପଣଙ୍କ ନିମନ୍ତେ ଯେଉଁ ତିନୋଟି ପ୍ରସଙ୍ଗ ଅତି ଗୁରୁତ୍ୱପୂର୍ଣ୍ଣ (ଉଦାହରଣ- କାର୍ଯ୍ୟ, ଭବିଷ୍ୟତ, ପରିବାର, ଇତ୍ୟାଦି) ଲେଖନ୍ତୁ। ପ୍ରତ୍ୟେକ ପ୍ରସଙ୍ଗ ଉପରେ ତିନୋଟି ଲେଖାଏଁ ଶାସ୍ତ୍ରାଂଶ ମନୋନୟନ କରି ସେସବୁକୁ ମୁଖସ୍ଥ କରିବା ଆରମ୍ଭ କରନ୍ତୁ।

୧.

୨.

୩.

## ୪.୮. ଆମର ପ୍ରତିକୃତିରେ ପୁଣି ଥରେ ରଙ୍ଗ ଲଗାଇବା

ଆମମାନଙ୍କ ବିଷୟରେ ଈଶ୍ୱର ଯାହା ଯାହା କହିଅଛନ୍ତି ତାକୁ ନେଇ ଆସନ୍ତୁ ଆମେ ନିଜ ନିଜର ପ୍ରତିକୃତିରେ ପୁନର୍ବାର ରଙ୍ଗ ଲେପନ କରିବା। ଆମେ ଯାହା ହୋଇପାରିବା ଓ କରିପାରିବା ବୋଲି ଈଶ୍ୱର କହିଛନ୍ତି, ଆମେ ସେପରି ହୋଇପାରିଛୁ ବା ସେପରି କର୍ମ କରିପାରୁଛୁ କି ନାହିଁ ଦେଖିବା।

"କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାକୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ। କାରଣ ଯଦି କେହି ବାକ୍ୟର କର୍ମକାରୀ ନ ହୋଇ ଶ୍ରୋତାମାତ୍ର ହୁଏ, ତେବେ ସେ ଦର୍ପଣରେ ଆପଣାର ସ୍ୱାଭାବିକ ମୁଖ ଦର୍ଶନ କରୁଥିବା ମନୁଷ୍ୟର ତୁଲ୍ୟ, ଯେଣୁ ସେ ଆପଣାକୁ ଦେଖିଲା ଉତ୍ତାରେ ଚାଲିଯାଇ, ସେ କିପ୍ରକାର ଲୋକ, ତାହା ସେହିକ୍ଷଣି ଭୁଲିଯାଏ" (ଯାକୁବ ୧:୨୨-୨୪)।

"ଯେପରି ତୁମ୍ଭ ବିଶ୍ୱାସର ସହଭାଗିତା ଆମ୍ଭମାନଙ୍କୁ ଦତ୍ତ ସମସ୍ତ ଉତ୍ତମ ବିଷୟ ସମ୍ବନ୍ଧୀୟ ଜ୍ଞାନ ଦ୍ୱାରା ଖ୍ରୀଷ୍ଟଙ୍କ ପକ୍ଷରେ କାର୍ଯ୍ୟସାଧକ ହୁଏ" (ଫିଲିମୋନ ୧:୬)।

## ୪.୯. ଅତୀତର ନକାରାତ୍ମକ ବିଷୟଗୁଡ଼ିକର ପ୍ରତିକାର

ଆମମାନଙ୍କ ମନରେ ସଚେତନ ଓ ଅବଚେତନ ଭାଗ ରହିଥାଏ। ଅତୀତର ଅନୁଭୂତିଗୁଡ଼ିକର ସ୍ମୃତି ଆମର ଅବଚେତନ ଭାଗରେ ରହିଥାଏ, ଯଥା:- ଆମର ନିଜର କାର୍ଯ୍ୟକଳାପ, ଅନ୍ୟମାନେ ଆମପ୍ରତି କ'ଣ କରିଥିଲେ, ଇତ୍ୟାଦି। ଉଦାହରଣ: ଅସମାହିତ ଦୁଃଖ, ପ୍ରଚଣ୍ଡ ମାନସିକ ଆଘାତ, ଅସତ୍ ବ୍ୟବହାର, ବିଶ୍ୱାସଘାତକତା, ଇତ୍ୟାଦି।

ଏସବୁକୁ ଯଦି ସ୍ମୃତିରୁ ପୋଛିଦିଆ ନ ଯାଏ ବା ଯଥା ସ୍ଥାନରେ ରଖା ନ ଯାଏ, ତେବେ ସେଗୁଡ଼ିକ ଆମକୁ ପ୍ରଭାବିତ କରିଚାଲିଥିବେ। ସେସବୁକୁ ଦବାଇ ରଖିବା ସହାୟକ ହେବ ନାହିଁ। ଏହାକୁ ପୋଛିଦେବାକୁ ହେବ ବା ସଠିକ୍ ଭାବରେ ସେସବୁର ପ୍ରତିକାର

କରିବାକୁ ହେବ, ଫଳରେ ଆପଣ କ୍ଷତିକାରକଭାବେ ସେସବୁ ଦ୍ୱାରା ପ୍ରଭାବିତ ନ ହୋଇ ସେସବୁ ବିଷୟରେ କଥାବାର୍ତ୍ତା କରିପାରିବେ।

ଯେଉଁମାନେ ସେବାକାର୍ଯ୍ୟ କରୁଛନ୍ତି ସେମାନେ ସତର୍କ ରହିବା ଆବଶ୍ୟକ ଯେ ସେମାନେ ଅତୀତରେ ଯେଉଁସବୁ ଆବେଗଯୁକ୍ତ କ୍ଷତ ଓ ଆଘାତ ଅନୁଭବ କରିଛନ୍ତି ସେଥିରୁ ସେମାନେ ସୁସ୍ଥ ହୋଇଛନ୍ତି। ଏହା ନ ହେଲେ ଆମେ ଯାହା ପ୍ରଚାର କରିବୁ ବା ଶିକ୍ଷା ଦେବୁ ସେଥିରେ ନକାରାତ୍ମକ ବିଷୟମାନ ସ୍ଥାନ ପାଇବ ଏବଂ ଆମ ଶ୍ରୋତାମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିବ।

ଉଦାହରଣ ସ୍ୱରୂପ, ଜଣେ ମହିଳା ଯଦି ତାଙ୍କର ବିବାହରେ କିଛି ଦୁଃଖଦ ଅନୁଭୂତି ମଧ୍ୟଦେଇ ଯାଇଛନ୍ତି, ସେ ଧର୍ମଶାସ୍ତ୍ରକୁ ତାଙ୍କର ନକାରାତ୍ମକ ଅନୁଭୂତିକୁ ମିଶାଇ ତାଙ୍କର ମହିଳା ଶ୍ରୋତାମାନଙ୍କ ନିକଟରେ ବ୍ୟାଖ୍ୟା କରିବେ। ତାଙ୍କ ପ୍ରଚାରରେ ତାଙ୍କର ବିବାହ ସମୟର ଅମୀମାଂସିତ ଆଘାତ ଓ କ୍ଷତର ଅନୁଭୂତି ମିଶ୍ରିତ ହୁଏ ଓ ତାଙ୍କର ଆବେଗ ନକାରାତ୍ମକ ହୋଇଯାଏ। ଏହା ମହିଳା ଶ୍ରୋତାମାନଙ୍କ ନିକଟରେ ପହଞ୍ଚେ। ଯଦି ସେମାନେ ତାଙ୍କ ପ୍ରଚାରରେ ଥିବା ପ୍ରଭେଦକୁ ବାରି ନ ପାରନ୍ତି, ତେବେ ସେମାନେ ମଧ୍ୟ ବିବାହ ସମ୍ପର୍କରେ ଓ ପୁରୁଷ ସଙ୍ଗେ ସମ୍ପର୍କରେ ଅନୁରୂପ ଦୃଷ୍ଟିକୋଣ ପୋଷଣ କରିବେ। ତେବେ, ଏହି ମହିଳା ପ୍ରଚାରିକା ଜଣକ ଯଦି ତାଙ୍କର ଆବେଗପରାୟଣ କ୍ଷତ ଓ ଆଘାତସବୁରୁ ସୁସ୍ଥ ହୋଇଛନ୍ତି, ସେ ଅନ୍ୟ ମହିଳାମାନଙ୍କ ନିକଟରେ ଈଶ୍ୱରଙ୍କର ଆରୋଗ୍ୟକାରୀ ଶକ୍ତି ପହଞ୍ଚାଇ ପାରିବେ, ଯଦି ସେମାନେ ମଧ୍ୟ ସେମାନଙ୍କ ଜୀବନରେ ଅନୁରୂପ ଅନୁଭୂତିସବୁ ମଧ୍ୟ ଦେଇ ଯାଇଛନ୍ତି।

"ଆପଣା ବିଷୟରେ ଓ ଆପଣା ଶିକ୍ଷା ବିଷୟରେ ଲାଗି ରୁହ, କାରଣ ତାହା କଲେ ତୁମ୍ଭେ ଆପଣା ପରିତ୍ରାଣ ଓ ତୁମ୍ଭର ଶ୍ରୋତାମାନଙ୍କର ପରିତ୍ରାଣ ସାଧନ କରିବ" (୧ ତୀମଥି ୪:୧୬)।

## (କ) ଯାକୁବ ଓ ଏଷୌ

(ଆଦି ୩୨)

ଯାକୁବ ଅତୀତକୁ ସାମ୍ନା କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଈଶ୍ୱର ଯାକୁବଙ୍କ ନାମ ବଦଳାଇ ଇଶ୍ରାଏଲ ରଖିଲେ। ନାମ ବଦଳାଇବା ଦ୍ୱାରା ଈଶ୍ୱର ଅତୀତରେ ଯାକୁବ ଯାହା ଥିଲେ ତାକୁ ବଦଳାଇଦେଲେ। ଯାକୁବ ତାଙ୍କ ଅତୀତକୁ ସାମ୍ନାକଲେ ସତ, କିନ୍ତୁ ସେ ଯାକୁବ ନାମରେ ନୁହେଁ ମାତ୍ର ଇଶ୍ରାଏଲ ନାମରେ ତାହା କରିଥିଲେ, କାରଣ ଈଶ୍ୱରଙ୍କ ସଙ୍ଗେ ତାଙ୍କର ଆକସ୍ମିକ ଭାବେ ଭେଟ ହୋଇଥିଲା ଓ ମୁକାବିଲା ହୋଇଥିଲା।

## (ଖ) ଯୋଷେଫ ଓ ତାଙ୍କର ଭାଇମାନେ

"ଆଉ ଦୁର୍ଭିକ୍ଷ ବର୍ଷ ପୂର୍ବରେ ଯୋଷେଫଙ୍କର ଦୁଇପୁତ୍ର ଜାତ ହୋଇଥିଲେ, ଓନ୍ ନଗର ନିବାସୀ ପୋଟୀଫେର ଯାଜକର ଆସନତ୍ ନାମ୍ନୀ କନ୍ୟା ସେମାନଙ୍କୁ ଜନ୍ମ କରିଥିଲା । ତହିଁରେ ଯୋଷେଫ ଜ୍ୟେଷ୍ଠର ନାମ ମନଃଶି (ବିସ୍ମୃତି) ରଖିଲେ, କାରଣ ସେ କହିଲେ, ପରମେଶ୍ୱର ମୋହର ସମସ୍ତ କ୍ଳେଶର ଓ ନିଜ ପିତୃଗୃହର ବିସ୍ମୃତି ଜନ୍ମାଇ ଅଛନ୍ତି । ପୁଣି ଦ୍ୱିତୀୟ ପୁତ୍ରର ନାମ ଇଫ୍ରୟିମ (ଫଳବାନ୍) ରଖିଲେ, କାରଣ ସେ କହିଲେ, ମୋହର ଦୁଃଖଭୋଗର ଦେଶରେ ପରମେଶ୍ୱର ମୋତେ ଫଳବାନ୍ କରଅଛନ୍ତି" (ଆଦି ୪୧:୫୦-୫୨) ।

"ଅନନ୍ତର ତାଙ୍କର ଭାଇମାନେ ତାଙ୍କ ଆଗକୁ ଯାଇ ପ୍ରଣାମ କରି କହିଲେ, ଦେଖ, ଆମ୍ଭେମାନେ ତୁମ୍ଭର ଦାସ । ତହିଁରେ ଯୋଷେଫ୍ ସେମାନଙ୍କୁ କହିଲେ, ତୁମ୍ଭେମାନେ କିଛି ଭୟ କର ନାହିଁ, ମୁଁ କ'ଣ ପରମେଶ୍ୱରଙ୍କ ପ୍ରତିନିଧି ? ତୁମ୍ଭେମାନେ ମୋ' ବିରୁଦ୍ଧରେ ମନ୍ଦ କଳ୍ପନା କରିଥିଲ ପ୍ରମାଣ, ମାତ୍ର ପରମେଶ୍ୱର ତାହା ମଙ୍ଗଳର କଳ୍ପନା କଲେ, ଏବେ ଯେପରି ଦେଖୁଅଛ, ସେପରି ଅନେକ ଲୋକଙ୍କର ପ୍ରାଣରକ୍ଷା କରିବାକୁ ତାହାଙ୍କର ଅଭିପ୍ରାୟ ଥିଲା । ଏଥିପାଇଁ ତୁମ୍ଭେମାନେ ଏବେ ଭୀତ ହୁଅ ନାହିଁ, ମୁଁ ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କ ବାଳକଗଣଙ୍କୁ ପ୍ରତିପାଳନ କରିବି । ଏହି ପ୍ରକାରେ ଚିତ୍ତପ୍ରବୋଧକ କଥା କହି ସେ ସେମାନଙ୍କୁ ସାନ୍ତ୍ୱନା ଦେଲେ" (ଆଦି ୫୦:୧୮-୨୧) ।

ଈଶ୍ୱର ଯୋଷେଫଙ୍କୁ ଏପରି ଏକ ସ୍ଥାନକୁ ଆଣିଲେ ଯେ ସେ ତାଙ୍କର ଅନିଷ୍ଟ କରିଥିବା ଭାଇମାନଙ୍କୁ **କ୍ଷମା ଦେଲେ** ଓ ସେ ଯେଉଁସବୁ କ୍ଷତି ସହ୍ୟ କରିଥିଲେ ସେସବୁକୁ **ଭୁଲିଗଲେ**। ସେ ଆଜି ଆପଣଙ୍କୁ ଓ ମୋତେ ଏ ଦିଗରେ ସାହାଯ୍ୟ କରିବେ।

"ସେ ମୋ' ପ୍ରାଣକୁ ସୁସ୍ଥ କରନ୍ତି, ସେ ଆପଣା ନାମ ସକାଶୁ ଧର୍ମପଥରେ ମୋତେ କଢ଼ାଇ ନିଅନ୍ତି" (ଗୀତ ୨୩:୩) ।

ସେ ମୋ ପ୍ରାଣକୁ ସୁସ୍ଥ କରନ୍ତି- ଉଭୟ ସଚେତନ ଓ ଅବଚେତନ ମନକୁ।

"ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତିଃ । ସେହି ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇଆସୁଅଛି, ଆଉ ଅନ୍ଧକାର ତାହା ଗ୍ରହଣ କରି ନାହିଁ" (ଯୋହନ ୧:୪-୫) ।

ମୋଠାରେ ଥିବା ତାଙ୍କର ଜୀବନ ହିଁ ମୋର ଆଲୋକ। ଏହା ମୋତେ ଦୀପ୍ତି ଦିଏ। ଏହା ମୋଠାରୁ ଅନ୍ଧକାର ଦୂର କରେ।

## କ'ଣ କରିବେ ?

ଅତୀତର ଯେଉଁ ନକାରାତ୍ମକ ବିଷୟଗୁଡ଼ିକ ଆପଣଙ୍କୁ ଯନ୍ତ୍ରଣା ଦେଉଛି ଓ ସେସବୁର ପ୍ରତିକାର ଆବଶ୍ୟକ ସେଗୁଡ଼ିକ ଲେଖନ୍ତୁ।

୧.

୨.

୩.

ଉପରେ ତାଲିକାଭୁକ୍ତ କରିଥିବା ବିଷୟଗୁଡ଼ାକ ପାଇଁ, ନିମ୍ନ ବିଷୟମାନ କରନ୍ତୁ।

- ଖ୍ରୀଷ୍ଟଙ୍କ ସଙ୍ଗେ ଆପଣଙ୍କର ବର୍ତ୍ତମାନ ସମୟର ପରିଚୟ (ନୂତନ ସୃଷ୍ଟି) ସହିତ ଅତୀତକୁ ସ୍ମରଣ କରନ୍ତୁ।
- ଆପଣଙ୍କ ବର୍ତ୍ତମାନ ସମୟର ଅନୁଗ୍ରହର ସ୍ଥିତି (କ୍ଷମାପ୍ରାପ୍ତ) ସଙ୍ଗେ ଅତୀତକୁ ସ୍ମରଣରେ ଆଣନ୍ତୁ।
- ବର୍ତ୍ତମାନ ଈଶ୍ୱର ଆପଣଙ୍କ ଦ୍ୱାରା କ'ଣ କରିପାରନ୍ତି (ଆପଣଙ୍କୁ ଅନିଷ୍ଟ କରିଥିବା ଲୋକମାନଙ୍କୁ କ୍ଷମା ଦେବା ଓ ସେମାନଙ୍କୁ ସମ୍ମାନ ଦେଖାଇବା) ତା'କୁ ଆଧାର କରି ଅତୀତକୁ ଯୋଡ଼ନ୍ତୁ।
- ଏହି ପ୍ରସଙ୍ଗକୁ ନେଇ ପରଭାଷାରେ ପ୍ରାର୍ଥନା କରନ୍ତୁ। କ'ଣ ପ୍ରାର୍ଥନା କରିବା ଉଚିତ ତାହା ପବିତ୍ରଆତ୍ମା ଜାଣନ୍ତି, ଯେପରି କି ଆପଣଙ୍କ ପ୍ରାଣ ସୁସ୍ଥ ହୋଇପାରିବ।
- ଆଗକୁ ଭବିଷ୍ୟତକୁ ଦୃଷ୍ଟିପାତ କରନ୍ତୁ (ନକାରାତ୍ମକ ଆବେଗଗୁଡ଼ିକୁ ଅଗ୍ରାହ୍ୟ କରନ୍ତୁ)

## ୪.୧୦. ଭୁଲ ମାନସିକତାକୁ ଦୂର କରିବା

ଭୂଲ ମାନସିକତା କହିଲେ ଏପରି ମାର୍ଗଗୁଡ଼ିକ ଯେଉଁଥିରେ ଆମେ ପ୍ରଶିକ୍ଷିତ ହୋଇଛୁ ବା ଆମର ଚିନ୍ତାଧାରା ସେହି ମାର୍ଗରେ ପରିଚାଳିତ। ଏହା (କ) ଆମ ମଧ୍ୟରେ ଓ ଆମ ଦେଇ ହେଉଥିବା ଈଶ୍ୱରଙ୍କ କାର୍ଯ୍ୟରେ ଏବଂ (ଖ) ଆମେ ଯାହା ହୋଇପାରିବା ଏବଂ ଆମେ ସ୍ୱାଧୀନ ଭାବରେ ଆଚରଣ କରିବାରେ ବାଧା ସୃଷ୍ଟି କରିଥାଏ।

- ଧର୍ମସମ୍ବନ୍ଧୀୟ ମାନସିକତା
- ବଦ୍ଧମୂଳ ଧାରଣା
- ପୂର୍ବରୁ କଳ୍ପିତ ଧାରଣା

ଆପଣ ସତ୍ୟର ସାମ୍ନା କରିବା ଆବଶ୍ୟକ ଓ ଏସବୁ ଭୁଲ୍ ମାନସିକତାସବୁକୁ ପରିତ୍ୟାଗ  କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ।

## ୪.୧୧. ମନକୁ ସୁରକ୍ଷା ପ୍ରଦାନ କରିବା

ଆମର ମନକୁ ସୁରକ୍ଷା ପ୍ରଦାନ କରିବା ଆମର ଦାୟିତ୍ୱ। ଏଥିନିମନ୍ତେ ନିମ୍ନରେ କେତେକ ବ୍ୟାବହାରିକ ପରାମର୍ଶ ଦିଆଯାଇଛି।

- ମନା କରିବା ବେଳେ ସତର୍କ ହୁଅନ୍ତୁ-

  ବିଷୟଗୁଡିକର ବାସ୍ତବିକତାକୁ ଦେଖନ୍ତୁ। ଆମର (ଗୁରୁତ୍ୱପୂର୍ଣ୍ଣ, ଜୀବନ ପ୍ରଭାବକାରୀ) ଧାରଣାଗୁଡିକୁ, ନିଷ୍ପତ୍ତିଗୁଡିକୁ, ଇତ୍ୟାଦି ଅନ୍ୟମାନେ ତନଖି ଦେଖନ୍ତୁ। ନିଜପ୍ରତି ସଚ୍ଚୋଟ ରହନ୍ତୁ।

- ଆତ୍ମପ୍ରତାରଣା ପ୍ରତି ସତର୍କ ରହନ୍ତୁ।

  "ଯଦି କୌଣସି ଲୋକ ଅସାର ହେଲେ ହେଁ ଆପଣାକୁ ବଡ଼ ବୋଲି ମନେ କରେ, ତେବେ ସେ ନିଜକୁ ପ୍ରବଞ୍ଚନା କରେ" (ଗାଲାତୀ ୬:୩)।

- ପ୍ରାଣର ବିଭିନ୍ନ ଆସକ୍ତି ବିଷୟରେ ସତର୍କ ରହନ୍ତୁ ସଂଯମ ରକ୍ଷା କରନ୍ତୁ।
- ଆବେଗମୟ ବ୍ୟଭିଚାର/ଅଶୁଚିତା ବିଷୟରେ ସତର୍କ ରହନ୍ତୁ। ଏହି ବିଷୟରେ ମନ୍ଦ ଚିନ୍ତାଗୁଡିକ ମନରେ ପ୍ରବେଶ କରିବାକୁ ଅନୁମତି ଦିଅନ୍ତୁ ନାହିଁ।

## ୪.୧୨. ନୂତନରୂପେ ଗଠିତ ମନ

"ତୁମ୍ଭେମାନେ ଯେବେ ଖ୍ରୀଷ୍ଟଙ୍କ ସହିତ ଉତ୍ଥିତ ହୋଇଅଛ, ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ, ସେହି ଉର୍ଦ୍ଧ୍ୱସ୍ଥାନର ବିଷୟସବୁ ଅନ୍ୱେଷଣ କର। ପାର୍ଥିବ ବିଷୟରେ ଆସକ୍ତ ନ ହୋଇ ଉର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ ହୁଅ" (କଲସୀ ୩:୧,୨)।

"ଉର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ"—ମନକୁ ଚାଳିତ କରିବା, ଚିନ୍ତା କରିବା, ମନୋନିବେଶ କରିବା।

"ଅନ୍ୱେଷଣ" କହିଲେ ବ୍ୟାବହାରିକ ଭାବେ ପ୍ରାଣପଣ କରିବା।

"ଆସକ୍ତ ହେବା"ରେ ଆନ୍ତରିକ ପ୍ରେରଣା ଓ ପ୍ରବଣତା ରହିଥାଏ। ଉର୍ଦ୍ଧ୍ୱସ୍ଥ ବିଷୟ ପ୍ରତି ଉଭୟକୁ ଚାଳିତ କରିବାକୁ ହେବ।

"କେବଳ ସ୍ୱର୍ଗକୁ ଅନ୍ୱେଷଣ କରିବା ଯଥେଷ୍ଟ ନୁହେଁ, ସ୍ୱର୍ଗ ବିଷୟରେ ମଧ୍ୟ ଚିନ୍ତା କରିବାକୁ ହେବ"

ଏକ ନୂତନୀକୃତ ମନର ବିଭିନ୍ନ ବିଷୟରେ ସତେଜ ଦୃଷ୍ଟିକୋଣ ରହିଥାଏ, ଏକ ନୂତନ ଆଦର୍ଶ, ଜଗତ ପ୍ରତି ଏକ ନୂତନ ଦୃଷ୍ଟିଭଙ୍ଗୀ ରହିଥାଏ । ସ୍ୱର୍ଗରୁ ଦେଖିଲେ ଜଗତ ଭିନ୍ନ ଦେଖାଯାଏ ।

## ୪.୧୩. ଖ୍ରୀଷ୍ଟଙ୍କ ମନ

ଖ୍ରୀଷ୍ଟଙ୍କ ମନ ଧାରଣ କରିବା ବିଷୟରେ ନୂତନ ନିୟମରେ ତିନୋଟି ବିଷୟ କୁହାଯାଏ ।

- ଖ୍ରୀଷ୍ଟଙ୍କ ମନ – ନମ୍ରତା ଓ ବାଧ୍ୟତା

"ସ୍ୱାର୍ଥପରତା ଅବା ଅସାର ଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ରଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣାଠାରୁ ଶ୍ରେଷ୍ଠ ମନେ କର" (ଫିଲିପୀ ୨:୩) ।

"ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ" (ଫିଲିପୀ୨:୫) ।

ବାଇବଲ କହେ ଯେ ଖ୍ରୀଷ୍ଟଙ୍କର ଯେପରି ମନ (ଦୃଷ୍ଟିଭଙ୍ଗୀ, ସ୍ୱଭାବ) ଥିଲା ଆମର ବି ସେହି ମନ ରହିବା ଉଚିତ । ଏହି ନିର୍ଦ୍ଦିଷ୍ଟ ସନ୍ଦର୍ଭରେ ଆମର ନମ୍ରତା ଓ ସେବକତ୍ୱର ମନୋଭାବ ରହିବା ଆବଶ୍ୟକ ।

- ଖ୍ରୀଷ୍ଟଙ୍କ ମନ – ପାପର ପ୍ରତିରୋଧ କରିବା ନିମନ୍ତେ ଶରୀରରେ ଦୁଃଖଭୋଗ କରିବାର ଇଚ୍ଛା ।

"ଖ୍ରୀଷ୍ଟ ଶରୀରରେ ଦୁଃଖଭୋଗ କରିଥିବାରୁ ତୁମ୍ଭେମାନେ ମଧ୍ୟ ସେହିପରି ମନ ଧରି ଆପଣାମାନଙ୍କୁ ସୁସଜ୍ଜିତ କର, (କାରଣ ଯେ ଶରୀରରେ ଦୁଃଖଭୋଗ କରିଅଛି, ସେ ପାପରୁ ନିବୃତ୍ତ ହୋଇଅଛି)" (୧ପିତର ୪:୧)

ସୁସଜ୍ଜିତ କରିବା = ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେବା

ମନ (ଗ୍ରୀକ ennoia) = ଚିନ୍ତାଶୀଳତା, ଅର୍ଥାତ୍ ନୈତିକ ଜ୍ଞାନ, ମନ, ଇଚ୍ଛା

ଆମେମାନେ ସେହିପରି ମନ ଧରି ସଜ୍ଜିତ ହେବାକୁ ହେବ, ଅର୍ଥାତ୍ ଆମେ ଶରୀରରେ ଦୁଃଖଭୋଗ କରିବା ପାଇଁ ଇଚ୍ଛୁକ ହେବାକୁ ହେବ । ଏହା ଆମ ଶରୀରର ପାପ ପୂର୍ଣ୍ଣ କୁଅଭିଳାଷଗୁଡ଼ିକୁ କ୍ରୁଶାର୍ପିତ (ମନା) କରିବାକୁ ପ୍ରସ୍ତୁତ ରହେ । ଆମଠାରେ ଏହ ମନ (ଦୃଷ୍ଟିଭଙ୍ଗୀ) ରହିଲେ, ଆମେ ପାପର ପ୍ରତିରୋଧ କରିବାକୁ ନିଜକୁ ସୁସଜ୍ଜିତ କରୁ ।

- ଖ୍ରୀଷ୍ଟଙ୍କ ମନ – ତାହାଙ୍କର ଚିନ୍ତାସକଳ ଓ ଉଦ୍ଦେଶ୍ୟସକଳ ବିଷୟରେ ଜାଣିବା ।

"କାରଣ କିଏ ପ୍ରଭୁଙ୍କ ମନ ଜାଣିଅଛି ଯେ, ସେ ତାହାଙ୍କୁ ଶିକ୍ଷା ଦେଇ ପାରେ ? କିନ୍ତୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମନ ପାଇଅଛୁ" (୧କରିନ୍ଥୀ ୨:୧୬) ।

ଆମେମାନେ ଖ୍ରୀଷ୍ଟଙ୍କର ଚିନ୍ତା, ଯୋଜନା ଓ ଉଦ୍ଦେଶ୍ୟସବୁକୁ ଜାଣି ପାରିବା । ପବିତ୍ର ଆତ୍ମାଙ୍କର ପ୍ରକାଶକାରୀ କାର୍ଯ୍ୟ ହେତୁ ତାଙ୍କର ମନ ଆମେ ପାଇପାରିବା (୧କରିନ୍ଥୀ ୨:୯) । ପବିତ୍ର ଆତ୍ମା ଖ୍ରୀଷ୍ଟଙ୍କର ଚିନ୍ତା ଓ ଯୋଜନାସବୁକୁ ଆମ ନିକଟରେ ପ୍ରକାଶ କରିଥାନ୍ତି (ଯୋହନ ୧୬:୧୩, ୧୪) ।

## ୪.୧୪. ଏକ ମନ ବିଶିଷ୍ଟ ଲୋକମାନେ

ନୂତନ ନିୟମର ବିଭିନ୍ନ ସ୍ଥାନରେ ବିଶ୍ୱାସୀମାନଙ୍କୁ "ଏକ ମନ" ହେବା ପାଇଁ କୁହାଯାଏ ।

ଈଶ୍ୱର ସାମୂହିକ ଭାବରେ ଆମମାନଙ୍କ ମଧ୍ୟରେ ଯାହାସବୁ ସାଧନ କରୁଛନ୍ତି ସେଥି ସଙ୍ଗେ ସଙ୍ଗେ ସମସ୍ତେ ମିଶି ଚାଲିବା ବିଷୟରେ ଆମେମାନେ ସମସ୍ତେ ପ୍ରଶିକ୍ଷିତ ହେବା ଆବଶ୍ୟକ ।

ବେଳେବେଳେ ଆମର 'ସ୍ୱାଧୀନତା' ଆମକୁ 'ଏକ ମନ' ବିଶିଷ୍ଟ ଲୋକ ହେବାରେ ବାଧା ଜନ୍ମାଇଥାଏ ।

"ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ" (୧କରିନ୍ଥୀ ୧:୧୦) ।

<u>ଏକମନା</u>

"ପରସ୍ପର ପ୍ରତି ଏକମନା ହୁଅ; ଉଚ୍ଚାଭିମାନୀ ନ ହୋଇ ଦୀନ ଲୋକମାନଙ୍କର ସଙ୍ଗୀ ହୁଅ । ଆପଣା ଆପଣା ବୁଦ୍ଧିରେ ବୁଦ୍ଧିମାନ୍ ନ ହୁଅ" (ରୋମୀ ୧୨:୧୬) ।

<u>ଏକ ମନ</u>

"ଯେପରି ଏକ ଚିତ୍ତରେ ଏକ ମୁଖରେ ତୁମ୍ଭେମାନେ ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତାଙ୍କର ଗୌରବ କର" (ରୋମୀ ୧୫:୬) ।

ଆଦ୍ୟ ମଣ୍ଡଳୀର ବୈଶିଷ୍ଟ୍ୟ ଥିଲା ଯେ ସେମାନେ ଏକ ଚିତ୍ତ ଓ ଏକ ମନ ବିଶିଷ୍ଟ ଥିଲେ ।

ଆମେ ମଧ୍ୟ ଏହି "ସମ୍ମିଳିତ ମାନସିକତା", ବା "ଏକ ମନ" ଧାରଣ କରିବାକୁ ଶିକ୍ଷା କରିବା, କାରଣ ସ୍ଥାନୀୟ ଶରୀରରୂପ ମଣ୍ଡଳୀରେ ଈଶ୍ୱର ଏହା ଆମମାନଙ୍କ ମଧ୍ୟରେ ସଂସ୍ଥାପନ କରୁଛନ୍ତି ।

# ୫
# ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବିକଶିତ କରିବା

ଆମେ କ'ଣ ଚିନ୍ତା କରୁଛୁ ସେବିଷୟ ଜାଣିବାକୁ ଈଶ୍ୱର ଆଗ୍ରହୀ ଅଟନ୍ତି ।

"ହେ ସଦାପ୍ରଭୋ, ତୁମ୍ଭେ ମୋହର ଅନୁସନ୍ଧାନ କରିଅଛ ଓ ମୋହର ପରିଚୟ ନେଇଅଛ । ତୁମ୍ଭେ ମୋହର ବସିବାର ଓ ଉଠିବାର ଜାଣୁଅଛ, ତୁମ୍ଭେ ଦୂରରୁ ମୋହର ସଙ୍କଳ୍ପ ବୁଝୁଅଛ" (ଗୀତ ୧୩୯:୧,୨) ।

## ୫.୧. ଆମେ କିପରି ଚିନ୍ତା କରୁ ତା'ର ପ୍ରଭାବ

"କାରଣ ସେ ଯେରୂପ ମନରେ ନିଜେ ଭାବେ, ସେ ସେରୂପ ଅଟେ; ସେ ଖାଅ ପିଅ ବୋଲି ତୁମ୍ଭକୁ କହେ ସତ୍ୟ, ମାତ୍ର ତୁମ୍ଭଠାରେ ତାହାର ମନ ନାହିଁ" (ହିତୋ ୨୩:୭) ।

ଆମର ଚିନ୍ତାଧାରା ଆମର ଆଚାର ବ୍ୟବହାର ଓ ଜୀବନଶୈଳୀକୁ ପ୍ରଭାବିତ କରେ ।

ଏକ ସାଧାରଣ ଚିନ୍ତା ବା ଧାରଣା ଆମର ଜୀବନଶୈଳୀ ହୋଇପାରେ ।

ମନ ଯେଣିକି ଯାଏ, ମନୁଷ୍ୟ ମଧ୍ୟ ତେଣିକି ଯାଏ ।

"ପ୍ରିୟ ବନ୍ଧୁ, ତୁମ୍ଭ ଆତ୍ମାର ଯେପରି ମଙ୍ଗଳ ହେଉଅଛି, ସେହିପରି ସର୍ବ ବିଷୟରେ ତୁମ୍ଭର ମଙ୍ଗଳ ହେଉ ଓ ତୁମ୍ଭେ ସ୍ୱାସ୍ଥ୍ୟ ଭୋଗ କରୁଥାଅ, ଏହା ମୋହର ପ୍ରାର୍ଥନା" (୩ ଯୋହନ ୧:୨) ।

### (କ) ଫଡ଼ିଙ୍ଗ ଭାବମୂର୍ତ୍ତିବିଶିଷ୍ଟ ଯୋଦ୍ଧାମାନେ

ଗଣନା ୧୩, ୧୪:୧-୯

ଦେଶ ଅନୁସନ୍ଧାନ କରିବାକୁ ଯାଇଥିବା ୧୨ଜଣଯାକ ଗୁପ୍ତଚର ମହାବୀରମାନଙ୍କୁ ଦେଖିଥିଲେ । ସେମାନଙ୍କ ମଧ୍ୟରୁ ୧୦ଜଣ ସେହି ମହାବୀରମାନଙ୍କୁ ଦେଖି ନିଜକୁ ଫଡ଼ିଙ୍ଗସଦୃଶ ମଣିଲେ । ସେହିକ୍ଷଣି ସେମାନଙ୍କ ଚିନ୍ତାରେ ପରାଜୟଭାବ ଆସିଗଲା । ସେମାନେ ସେହି ମୂହୁର୍ତ୍ତରେ ଯୁଦ୍ଧରେ ପରାଜିତ ହେଲେ । ଅନ୍ୟ ଦୁଇଜଣ ଗୁପ୍ତଚର ସେହି ମହାବୀରମାନଙ୍କୁ ସେମାନଙ୍କର "ଭକ୍ଷ" ଭାବରେ ବର୍ଣ୍ଣନା କଲେ, ଅର୍ଥାତ୍ ଭୋଜନ ନିମନ୍ତେ ପ୍ରସ୍ତୁତ । ସେମାନେ ବିଜୟ ଦେଖିଲେ । ସେମାନେ ଦେଖିଲେ ଯେ ଯୁଦ୍ଧ ସେମାନେ ଜିତି ସାରିଛନ୍ତି ।

ନକାରାତ୍ମକ ଚିନ୍ତାଧାରା ବା କଥାବାର୍ତ୍ତା ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସୁଦ୍ଧା ଆମକୁ ପଙ୍ଗୁ ଓ ପରାଜିତ କରିଦେଇପାରେ ।

## (ଖ) ଅବ୍ରହାମ ତାରାସବୁକୁ ଦେଖନ୍ତି

"ଅନନ୍ତର ସେ ତାଙ୍କୁ ବାହାରକୁ ଆଣି କହିଲେ, ତୁମ୍ଭେ ଆକାଶକୁ ଦୃଷ୍ଟି କରି ଯେବେ ତାରାସମୂହ ଗଣିପାର, ତେବେ ଗଣି କୁହ । ସେ ଆହୁରି କହିଲେ, ଏହି ପ୍ରକାର ତୁମ୍ଭର ବଂଶ ହେବ" (ଆଦି ୧୫:୫) ।

ଈଶ୍ୱରଙ୍କ ପ୍ରତିଜ୍ଞା ଆମ ଜୀବନରେ ବାସ୍ତବରୂପ ନେବା ଆମେ ଆଗରୁ ଦେଖିନେବା ଆବଶ୍ୟକ ।

## (ଗ) ସମ୍ଭାବନାଯୁକ୍ତ ଚିନ୍ତାଧାରା

ନ' ବର୍ଷ କାଳ ସେବାକାର୍ଯ୍ୟରେ ରହିବା ପରେ ବୋଗୋଟା (କଲମ୍ବିଆ)ର ପାଳକ କେସାର୍ କାଷ୍ଟେଲାନସ୍ ଭାଙ୍ଗି ପଡ଼ିଥିଲେ । ତାଙ୍କ ମଣ୍ଡଳୀରେ ମାତ୍ର ୧୨୦ ଲୋକ ଏକତ୍ର ହେଉଥିଲେ । ୧୯୮୨ ସାଲ ଶେଷରେ ସେ ତାଙ୍କ ମଣ୍ଡଳୀକୁ ତାଙ୍କର ଇସ୍ତଫା ପତ୍ର ଦେଲେ । ଚାରିମାସ ପରେ ପ୍ରଭୁ ତାଙ୍କୁ କହିଲେ, "ମୁଁ ନିଜେ ତୋ'ର ଆସନକୁ ଦୋହଲାଇ ଦେଇପାରେ, କିନ୍ତୁ ମୁଁ ତୋ'ଦ୍ୱାରା ତାହା କରିବାକୁ ଚାହେଁ । ମୁଁ ନିଜେ ହଜା ଆତ୍ମାମାନଙ୍କୁ କଥା କହିପାରେ, କିନ୍ତୁ ତୋ'ଦ୍ୱାରା ତାହା କରିବାକୁ ଚାହେଁ । ମୁଁ ତୋତେ ପାଳକ ଭାବରେ ମନୋନୀତ କରିଛି । ଏକ ବଡ଼ ମଣ୍ଡଳୀର ସ୍ୱପ୍ନ ଦେଖ, କାରଣ ସ୍ୱପ୍ନସବୁ ମୋର ଆତ୍ମାର ଭାଷା । ତୁ ଯେଉଁ ମଣ୍ଡଳୀର ପାଳକ ହେବୁ ତାହା ଆକାଶର ତାରାସବୁ ପରି ଓ ସମୁଦ୍ରର ବାଲିପରି ଅସଂଖ୍ୟ ହେବ । ଏହା ଏତେ ବଡ଼ ହେବ ଯେ ତାହା ଅଗଣିତ ହେବ ।"

ନୂତନୀକୃତ ଦର୍ଶନ ନେଇ ସେ ୧୯୮୩ ସାଲରେ International Charismatic Mission ଆରମ୍ଭ କଲେ । ପ୍ରଥମେ ସେଠାରେ ୮ ଜଣ ସଭ୍ୟ ଥିଲେ । ବର୍ତ୍ତମାନ ତାହା ବୃଦ୍ଧି ପାଇ ୩,୫୦,୦୦୦ ଅତିକ୍ରମ କରିଛି ।

## ୫.୨. ଈଶ୍ୱରଙ୍କ ପରି ଚିନ୍ତା କରିବା

ଈଶ୍ୱର କିପରି ଚିନ୍ତା କରନ୍ତି ଜାଣିବା

"ଆକାଶମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ; ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ । ଦିବସ ଦିବସ ପ୍ରତି ବାକ୍ୟ ଉଚ୍ଚାରଣ କରେ ଓ ରାତ୍ରି ରାତ୍ରି ପ୍ରତି ଜ୍ଞାନ ପ୍ରକାଶ କରେ । କୌଣସି ବାକ୍ୟ କି ଭାଷା ନ ଥାଏ; ସେମାନଙ୍କ ରବ ଶୁଣାଯାଇ ନ ପାରେ" (ଗୀତ ୧୯:୧-୩) ।

"ଜଗତର ସୃଷ୍ଟିକାଳାବଧି ତାହାଙ୍କର ଅଦୃଶ୍ୟ ଗୁଣସମୂହ, ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ, ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧାଗମ୍ୟ ହୋଇ ସ୍ପଷ୍ଟରୂପେ ପ୍ରତୀୟମାନ ହେଉଅଛି, ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନ ଥାଏ" (ରୋମୀ ୧:୨୦)।

ଈଶ୍ୱରଙ୍କ ଚିନ୍ତାଧାରା ବୃହତ୍, ବିବିଧତାଯୁକ୍ତ, ପୁଙ୍ଖାନୁପୁଙ୍ଖ, ସଂଗଠନମୂଳକ ଓ ପରସ୍ପର ନିର୍ଭରଶୀଳ।

"ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ, ଯେ ମୃତମାନଙ୍କୁ ସଜୀବ କରନ୍ତି ଓ ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି, ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭସମସ୍ତଙ୍କର ପିତା ଅଟନ୍ତି, ଯେପରି ଲେଖାଅଛି, ଆମ୍ଭେ ତୁମ୍ଭକୁ ବହୁ ଜାତିର ପିତା କରିଅଛୁ" (ରୋମୀ ୪:୧୭)।

ଈଶ୍ୱର ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି

"କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଙ୍କଳ୍ପ ଅଟେ" (ଯିରି ୨୯:୧୧)।

ନିର୍ବାସନରେ ଥିବା ଲୋକମାନଙ୍କ ପ୍ରତି ଈଶ୍ୱର ଏକ ଉତ୍ତମ ଭବିଷ୍ୟତର ଘୋଷଣା କଲେ।

## ୫.୩. କିପରି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବିକଶିତ କରିବା ?

"ହେ ମୋହର ପୁତ୍ର, ମୋ' କଥାରେ ମନୋଯୋଗ କର; ମୋ' ବାକ୍ୟରେ କର୍ଣ୍ଣ ଡେର। ତାହାସବୁ ତୁମ୍ଭ ଚକ୍ଷୁରୁ ନ ଯାଉ; ତାହାସବୁ ତୁମ୍ଭ ହୃଦୟ ମଧ୍ୟରେ ଯତ୍ନ କରି ରଖ। ଯେହେତୁ ତାହା ଯେଉଁମାନେ ପାଆନ୍ତି, ସେମାନଙ୍କ ପ୍ରତି ତାହା ଜୀବନ ଓ ସର୍ବାଙ୍ଗର ସ୍ୱାସ୍ଥ୍ୟ ଅଟଇ" (ହିତୋ ୪:୨୦-୨୨)।

- ଈଶ୍ୱରଙ୍କ ଚିନ୍ତାଧାରା ଅନୁସାରେ ଆମର ଚିନ୍ତାଧାରାକୁ ସଜାଇବା।
- ଈଶ୍ୱରଙ୍କ ବାକ୍ୟ ଅନୁସାରେ ଆମେ ଚିନ୍ତା କରିବା।
- ପବିତ୍ର ଆତ୍ମାଙ୍କଠାରୁ ପ୍ରାପ୍ତ ଦର୍ଶନ, ସ୍ୱପ୍ନ ଓ ଧାରଣାଗୁଡ଼ିକୁ ନେଇ ତଦନୁସାରେ ଚିନ୍ତା କରିବା।
- ନକାରାତ୍ମକ ଚିନ୍ତାସବୁକୁ ଦୂରକରିବା।

"ମୁଁ ଦ୍ୱିମନାମାନଙ୍କୁ ଘୃଣା କରେ; ମାତ୍ର ତୁମ୍ଭ ବ୍ୟବସ୍ଥାକୁ ପ୍ରିୟ ଜ୍ଞାନ କରେ" (ଗୀତ ୧୧୯:୧୧୩)।

"ଅବଶେଷରେ, ହେ ଭ୍ରାତୃଗଣ, ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଭାଜନ, ଯାହା ଯାହା ସୁଖ୍ୟତିଯୁକ୍ତ, ଯେକୌଣସି ସଦ୍‌ଗୁଣ ଓ ପ୍ରଶଂସାର ବିଷୟ ଥାଏ, ସେହି ସମସ୍ତ ବିଷୟରେ ଚିନ୍ତା କର । ତୁମ୍ଭେମାନେ ଯେସମସ୍ତ ବିଷୟ ମୋଠାରୁ ଶିଖିଅଛ, ପାଇଅଛ, ଶୁଣିଅଛ ଓ ମୋଠାରେ ଦେଖିଅଛ, ସେହିସବୁ କର, ସେଥିରେ ଶାନ୍ତିଦାତା ଈଶ୍ୱର ତୁମ୍ଭମାନଙ୍କର ସହବର୍ତ୍ତୀ ହେବେ" (ଫିଲିପୀ ୪:୮-୯) ।

- ବାଇବଲ ଆଧାରିତ ଆତ୍ମ ପ୍ରତିକୃତି ବିକଶିତ କରନ୍ତୁ

"କାରଣ ମୋତେ ପ୍ରଦତ୍ତ ଅନୁଗ୍ରହ ଦ୍ୱାରା ମୁଁ ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ଜଣକୁ କହୁଅଛି, ଆପଣା ବିଷୟରେ ଯେପରି ମନେ କରିବା ଉଚିତ, ତାହାଠାରୁ ଆପଣାକୁ ଅଧିକ ବଡ଼ ମନେ ନ କର; କିନ୍ତୁ ଈଶ୍ୱର ଯାହାକୁ ଯେ ପରିମାଣରେ ବିଶ୍ୱାସ ବିତରଣ କରିଅଛନ୍ତି, ସେହି ଅନୁସାରେ ପ୍ରତ୍ୟେକ ଜଣ ସୁବୋଧର ପରି ଆପଣା ବିଷୟରେ ମନେ କର" (ରୋମୀ ୧୨:୩) ।

## ୫.୪. ଶ୍ରାନ୍ତକ୍ଲାନ୍ତ ମନର ଲକ୍ଷଣସମୂହ ପରିହାର କରନ୍ତୁ

"ତୁମ୍ଭେମାନେ ଯେପରି ଆପଣା ଆପଣା ମନରେ ଶ୍ରାନ୍ତକ୍ଲାନ୍ତ ନ ହୁଅ; ଏଥିପାଇଁ ଯେ ପାପୀମାନଙ୍କଠାରୁ ଆପଣା ବିରୁଦ୍ଧରେ ଏଡ଼େ ପ୍ରତିକୂଳାଚରଣ ସହ୍ୟ କଲେ, ତାହାଙ୍କ ବିଷୟ ବିବେଚନା କର" (ଏବ୍ରୀ ୧୨:୩) ।

ଜ୍ୱଳିତ (burnout) ଏକ ସମସ୍ୟା ଯାହା ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଯୋଗୁଁ ଉପୁଜି ନ ଥାଏ, ମାତ୍ର ଅସମାହିତ ଆବେଗଯୁକ୍ତ ଓ ଆତ୍ମିକ ପ୍ରସଙ୍ଗସବୁ ଯୋଗୁଁ ନେଇ ଆସିଥାଏ ।

ଅସମାହିତ ଆବେଗଯୁକ୍ତ ପ୍ରସଙ୍ଗସବୁ ଭାବପ୍ରବଣତାଯୁକ୍ତ କ୍ଲାନ୍ତି ଓ ଅଚଳତା ଘଟାଇଥାଏ ଯାହା ମଧ୍ୟ ଶାରୀରିକ ଅବସନ୍ନତାର (psychosomatic) ପ୍ରମୁଖ କାରଣ । ଭରସା - ପ୍ରାଣର ଲଙ୍ଗରସ୍ୱରୂପ ।

"ସେହି ଭରସା ଆମ୍ଭମାନଙ୍କ ଆତ୍ମାର ଲଙ୍ଗରସ୍ୱରପ, ତାହା ବିଚ୍ଛେଦବସ୍ତ୍ରାବୃତ ସ୍ଥାନରେ ପ୍ରବେଶ କରି ଦୃଢ଼ ଓ ଅଟଳ ହୋଇଅଛି" (ଏବ୍ରୀ ୬:୧୯) ।

ଆମେ ଆମ ଭରସାକୁ (ଏକ ସକାରାତ୍ମକ ପରିଣାମର ଆଶା) ଜୀବନ୍ତ ରଖିବାକୁ ହେବ ।

## ୫.୫. ବିଜୟୀ ଚିନ୍ତାଧାରା

"ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି" (ଏଫିସୀ ୩:୨୦) ।

ଆମେ ଯାହା ଯାହା ମାଗିଥାଉ ବା ଭାବିଥାଉ, ତା'ଠାରୁ ଅତି ଅଧିକ ପରିମାଣରେ ଈଶ୍ୱର ସାଧନ କରିବାକୁ ସମର୍ଥ ।

"କିନ୍ତୁ ଯେପରି ଲେଖାଅଛି, "ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହେଇନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି" (୧କରିନ୍ଥୀ ୨:୯) ।

## ୫.୬. ମନରେ ଦୃଢ଼ ସ୍ଥିରବୋଧ ରହିବା ଆବଶ୍ୟକ

"ଜଣେ ଲୋକ ଏକ ଦିନ ଅପେକ୍ଷା ଅନ୍ୟ ଦିନକୁ ଅଧିକ ମାନ୍ୟ କରେ, ଆଉ ଜଣେ ସବୁ ଦିନକୁ ସମାନରୂପେ ମାନ୍ୟ କରେ । ପ୍ରତ୍ୟେକ ଲୋକ ଆପଣା ମନରେ ସ୍ଥିର ବୋଧ କରୁ" (ରୋମୀ ୧୪:୫) ।

"କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ । କିନ୍ତୁ ସେ କିଛିମାତ୍ର ସନ୍ଦେହ ନ କରି ବିଶ୍ୱାସ ସହ ପ୍ରାର୍ଥନା କରୁ, କାରଣ ଯେ ସନ୍ଦେହ କରେ, ସେ ବାୟୁରେ ଇତସ୍ତତଃ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ । ସେପରି ଲୋକ ପ୍ରଭୁଙ୍କଠାରୁ କିଛି ପାଇବ ବୋଲି ମନେ ନ କରୁ" (ଯାକୁବ ୧:୫-୭) ।

"ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କ ନିକଟବର୍ତ୍ତୀ ହେବେ । ହେ ପାପୀମାନେ, ତୁମ୍ଭମାନଙ୍କ ହସ୍ତ ଶୁଚି କର, ପୁଣି ହେ ଦ୍ୱିମନାମାନେ, ତୁମ୍ଭମାନଙ୍କ ହୃଦୟ ଶୁଚି କର" (ଯାକୁବ ୪:୮) ।

ଦ୍ୱିମନାଭାବ ଅସ୍ଥିରତା ଆଣେ । ଆମର ଖ୍ରୀଷ୍ଟୀୟ ଆଚରଣରେ ଅନେକ ବିଷୟରେ ଆମର ଦୃଢ଼ ହୃଦ୍‌ବୋଧ ରହିବା ଆବଶ୍ୟକ, ଯେପରି ମଦ୍ୟପାନ କରିବା, କାମୋତ୍ତେଜନା ବୃଦ୍ଧିକାରୀ ଯୌନଚିତ୍ର ଦେଖିବା ବା ସେପରି ରଚନାସବୁକୁ ପାଠ କରିବା, ଧୂମ୍ରପାନ କରିବା, ନିଶାଦ୍ରବ୍ୟ ସେବନ କରିବା, ନୈତିକ ଉନ୍ନତି ଦିଗରେ ଅସହାୟକ ଗୀତସବୁ ଶୁଣିବା, ଇତ୍ୟାଦି । ଆମେ ନିଶ୍ଚିତ ରହିବାକୁ ହେବ ଯେ ଏସବୁ ଅନୁମତିଯୋଗ୍ୟ ନୁହେଁ ଏବଂ ଏସବୁରୁ ଦୂରେଇ ରୁହନ୍ତୁ ।

## ୫.୭. ଅବସାଦକୁ ହରାଇବା

ଅବସାଦର ଲକ୍ଷଣଗୁଡ଼ିକ ମଧ୍ୟରେ ରହିଛି ଆଶାଶୂନ୍ୟ, ଭାରାକ୍ରାନ୍ତ ଓ ବିଷଣ୍ଣ ମନୋଭାବ ।

"ଆହେ, ମୋହର ପ୍ରାଣ ବାୟୁମାତ୍ର ବୋଲି ସ୍ମରଣ କର, ମୋହର ଚକ୍ଷୁ ଆଉ ମଙ୍ଗଳ ଦେଖିବ ନାହିଁ" (ଆୟୁବ ୭:୭) ।

"ସିୟୋନର ଶୋକାର୍ତ୍ତ ଲୋକମାନଙ୍କ ପାଇଁ ନିରୂପଣ କରିବାକୁ, ଅର୍ଥାତ୍, ଭସ୍ମର ପରିବର୍ତ୍ତେ ଭୂଷଣ, ଦୁଃଖର ପରିବର୍ତ୍ତେ ସୁଖରୂପ ତୈଳ, ଅବସନ୍ନ ଆତ୍ମାର ପରିବର୍ତ୍ତେ ପ୍ରଶଂସାରୂପ ବସ୍ତ୍ର ପ୍ରଦାନ କରିବାକୁ ସେ ମୋତେ ପ୍ରେରଣ କରିଅଛନ୍ତି; ତହିଁରେ ସଦାପ୍ରଭୁ ଯେପରି ଗୌରବାନ୍ୱିତ ହେବେ, ଏଥିପାଇଁ ସେମାନେ ଧର୍ମରୂପ ବୃକ୍ଷ ଓ ତାହାଙ୍କର ଉଦ୍ୟାନ ବୋଲି ବିଖ୍ୟାତ ହେବେ" (ଯିଶା ୬୧:୩) ।

ଅବସାଦର କାରଣକୁ ଜାଣି ତା'ର ପ୍ରତିକାର କରିବା ଆବଶ୍ୟକ । ଏଠାରେ ଏକ ତାଲିକା ଦିଆଯାଇଛି ।

| **କାରଣ** | **ପ୍ରତିକାର** |
|---|---|
| କ୍ଷୋଭ, କ୍ଷମା ନ ଦେବା | କ୍ଷମା ଦେବା |
| ଅପୂର୍ଣ୍ଣ ପ୍ରତ୍ୟାଶାସମୂହ | ଆଶା, ବିଶ୍ୱାସ, ନୂତନୀକୃତ ପ୍ରତିଜ୍ଞାସମୂହ |
| ଅତ୍ୟନ୍ତ ସ୍ପର୍ଶକାତର, ସହଜରେ ଅପମାନିତ ମନେ କରିବା | ପ୍ରେମ, ନମ୍ରତା |
| ନକାରାତ୍ମକ ଅନୁଭବ | ଯଥାର୍ଥ ସ୍ୱୀକାର, ପ୍ରଶଂସା, ଧନ୍ୟବାଦୀ ହେବା, ଆନନ୍ଦ |
| କ୍ରୋଧ | ଅଧିକାରସବୁର ସମର୍ପଣ |
| ଜନ୍ମଗତ ଦୁର୍ବଳତା ଜନିତ ଅବସାଦ | ମୁକ୍ତି, ପରଭାଷାରେ ପ୍ରାର୍ଥନା କରିବା |

# ୬
# ଆତ୍ମା ଓ ପ୍ରାଣର ସନ୍ତୁଳନ

ନିଷ୍ପତ୍ତି ଗ୍ରହଣରେ ଆତ୍ମା ଓ ପ୍ରାଣ ମଧ୍ୟରେ ସନ୍ତୁଳନ ରହିବା ଉଚିତ ।

## ୬.୧. ଆମର ବ୍ୟବହାର ନିମନ୍ତେ ଈଶ୍ୱର ଆମକୁ ମନ ଦେଇଛନ୍ତି

ତେଣୁ ମନ ଏକ ମନ୍ଦ ବିଷୟ ନୁହେଁ

"ତୁମ୍ଭେ ଆପଣା ପାଦ ସଳଖ କରି ପକାଅ ଓ ତୁମ୍ଭର ସବୁ ପଥ ସ୍ଥିରୀକୃତ ହେଉ" (ହିତୋ ୪:୨୬) ।

ଆମେ ଯେଉଁ ମାର୍ଗରେ ଗମନ କରୁଛୁ ସେ ବିଷୟରେ ଆମେ ଚିନ୍ତା କରିବାକୁ ହେବ । ତେଣୁ ଯୋଜନା କରିବା, ପ୍ରସ୍ତୁତି ଓ କାର୍ଯ୍ୟକାରିତା ପାଇଁ ଆମେ ଆମର ମନକୁ ବ୍ୟବହାର କରିବା ।

"ପ୍ରତ୍ୟେକ ଚତୁର ଲୋକ ବୁଦ୍ଧିରେ କର୍ମ କରେ; ମାତ୍ର ମୂର୍ଖ ଅଜ୍ଞାନତା ବିସ୍ତାର କରେ" (ହିତୋ ୧୩:୧୬) ।

"ମଧ୍ୟ ପ୍ରାଣ ବିଦ୍ୟାହୀନ ହେବାର ଭଲ ନୁହେଁ, ପୁଣି, ଯେ ବେଗ କରି ପାଦ ପକାଏ, ସେ ପାପ କରେ" (ହିତୋ ୧୯:୨) ।

"ଅବଶ୍ୟ ତୁମ୍ଭେ ଭଲ ପରାମର୍ଶ ଘେନି ଆପଣା ଯୁଦ୍ଧ କରିବ, ଆଉ, ମନ୍ତ୍ରୀମାନଙ୍କ ବାହୁଲ୍ୟରେ ରକ୍ଷା ହୁଏ" (ହିତୋ ୨୪:୬) ।

"ଲୁହା ଦନ୍ତୁରା ହେଲେ ଯେବେ କେହି ତାହାର ଦାଢ଼ ନ ପଜାଏ, ତେବେ ତାହାପରେ ଅଧିକ ବଳ ପ୍ରୟୋଗ କରିବାକୁ ହୁଏ; ମାତ୍ର କର୍ତ୍ତବ୍ୟକୁ ଦେଖାଇବା ପାଇଁ ଜ୍ଞାନ ଫଳଦାୟକ" (ଉପ ୧୦:୧୦) ।

ଆମେ ଜ୍ଞାନ ବା ବୁଦ୍ଧିରେ ବୃଦ୍ଧି ପାଇବାକୁ ଈଶ୍ୱର ବିରୋଧ କରି ନ ଥାନ୍ତି ।

"ହେ ଭାଇମାନେ, ବୁଦ୍ଧିରେ ବାଳକ ପରି ହୁଅ ନାହିଁ, ବରଂ ମନ୍ଦ ବିଷୟରେ ଶିଶୁ ପରି ହୁଅ, କିନ୍ତୁ ବୁଦ୍ଧିରେ ପୂର୍ଣ୍ଣବୟସ୍କ ହୁଅ" (୧କରିନ୍ଥୀ ୧୪:୨୦) ।

ଈଶ୍ୱର ଚାହାନ୍ତି ଯେପରି କି ଆମେ ଆମର ମନରେ, ଆମର ବୁଦ୍ଧିମତ୍ତାରେ ପୂର୍ଣ୍ଣ ବିକଶିତ ହେବା ।

"ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ । ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର, ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ" (ହିତୋ ୩:୫,୬) ।

ଏପରି ଅନେକ ସମୟରେ ଆମେ ନିଜର ସୁବିବେଚନାରେ ଆଉଜି ନ ପଡ଼ି କେବଳ ପ୍ରଭୁଙ୍କଠାରେ ବିଶ୍ୱାସ କରିବାକୁ ହେବ ।

"ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣରୂପେ ପବିତ୍ର କରନ୍ତୁ, ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ତୁମ୍ଭମାନଙ୍କ ଆତ୍ମା, ପ୍ରାଣ, ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହେଉ" (୧ଥେସ ୫:୨୩) ।

ଏସବୁର ମୂଳରେ ରହିଛି ଆମେ ଆମର ମନକୁ ପ୍ରଭୁଙ୍କ ନିମନ୍ତେ ପବିତ୍ରୀକୃତ (ପୃଥକୀକୃତ) କରି ରଖିବା ।

## ୬.୨. ବିଶ୍ୱାସ ଓ ଅନୁମାନ

"କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନ ଯାପନ କରୁଅଛୁ" (୨କରିନ୍ଥୀ ୫:୭) ।

ସଠିକ୍ ନିଷ୍ପତ୍ତି ଗ୍ରହଣରେ ଆତ୍ମା ଓ ପ୍ରାଣ ମଧ୍ୟରେ ସନ୍ତୁଳନ ରଖିବାକୁ ହେବ ।

- ଆମେ ମନ ମଧ୍ୟରେ ବିଶ୍ଳେଷଣ କରିବା ଆବଶ୍ୟକ ଯେ, ଯାହା ଆମେ ଆମର ଆତ୍ମାରେ ବୋଧ ପାଉଛୁ ତାହା ଈଶ୍ୱରଙ୍କ ଆଡୁ ଆଗତ କି ନାହିଁ ।
- ଈଶ୍ୱରଙ୍କ ବାକ୍ୟକୁ ଆମର ମନ ଜାଣିବା ଓ ବୁଝିବା ଆବଶ୍ୟକ ।
- ଆମର ମନ ବାରି ପାରୁଥିବା ଆବଶ୍ୟକ ଯେ ଆମେ ପ୍ରକୃତରେ ବିଶ୍ୱାସରେ ଜୀବନଯାପନ କରୁଛୁ କିଅବା ଧାରଣାର ବଶବର୍ତ୍ତୀ ହୋଇ ଚାଲିଛୁ ।
- ଈଶ୍ୱରଙ୍କଠାରୁ ସଠିକ୍ ଭାବରେ ଶୁଣିଥିଲେ ମଧ୍ୟ, ଆମର ମନ ହିଁ ଯଥାର୍ଥ କାର୍ଯ୍ୟପନ୍ଥା ନିରୂପଣ କରିବ, ଯଦ୍ୱାରା ଆମେ ସଫଳ ହୋଇପାରିବା ।

## ୬.୩. ଈଶ୍ୱରଙ୍କ ରବକୁ ବାରିବା

"ପ୍ରଭୁଙ୍କର କଅଣ ସନ୍ତୋଷଜନକ, ତାହା ଅନୁସନ୍ଧାନ କର; ଏଣୁ ନିର୍ବୋଧ ନ ହୋଇ ପ୍ରଭୁଙ୍କର ଇଚ୍ଛା କଅଣ ତାହା ବୁଝ" (ଏଫିସୀ ୫:୧୦,୧୭) ।

"ଆତ୍ମାଙ୍କୁ ନିର୍ବାଣ ନ କର; ଭାବବାଣୀ ତୁଚ୍ଛ କର ନାହିଁ; ବରଂ ସମସ୍ତ ବିଷୟ ପରୀକ୍ଷା କର; ଯାହା ଉତ୍ତମ, ତାହା ଧରି ରଖ" (୧ଥେସ ୫:୧୯-୨୧) ।

ଏହି ଅଧ୍ୟାୟ ଶେଷରେ ଥିବା ନକ୍ସାକୁ ଦେଖନ୍ତୁ ।

## ୬.୪. ଯୁକ୍ତି ଓ ବିଶ୍ୱାସ

ଆମେ ଆମର ବିଶ୍ୱାସକୁ ପଙ୍ଗୁ କରିଦେବା ପାଇଁ ଆମ ମଧ୍ୟରେ ଉତ୍‌ଥିତ ଯୁକ୍ତିତର୍କକୁ ଅନୁମତି ଦେବା ଅନୁଚିତ ।

ପିତର ଜଳ ଉପରେ ଚାଲୁଥିଲେ, କିନ୍ତୁ ତାଙ୍କ ମନର ଯୁକ୍ତିତର୍କ ତାଙ୍କ ବିଶ୍ୱାସକୁ ଅକାମୀ କରିଦେଲା ।

"କିନ୍ତୁ ରାତ୍ରିର ଚତୁର୍ଥ ପ୍ରହରରେ ସେ ସମୁଦ୍ର ଉପରେ ଚାଲି ସେମାନଙ୍କ ପାଖକୁ ଆସିଲେ, ପୁଣି ଶିଷ୍ୟମାନେ ତାହାଙ୍କୁ ସମୁଦ୍ର ଉପରେ ଚାଲିବାର ଦେଖି ଉଦ୍‌ବିଗ୍ନ ହୋଇ କହିଲେ, ଏ ତ ଭୂତ; ଆଉ ସେମାନେ ଭୟରେ ଚିତ୍କାର କଲେ । କିନ୍ତୁ ଯୀଶୁ ସେହିକ୍ଷଣି ସେମାନଙ୍କ ସହିତ କଥାବାର୍ତ୍ତା କରି କହିଲେ, ସାହସ ଧର, ଏ ତ ମୁଁ, ଭୟ କର ନାହିଁ । ସେଥିରେ ପିତର ଉତ୍ତର ଦେଲେ, ହେ ପ୍ରଭୁ, ଯେବେ ଆପଣ, ତେବେ ଜଳ ଉପରେ ଆପଣଙ୍କ ନିକଟକୁ ଯିବା ପାଇଁ ମୋତେ ଆଜ୍ଞା କରନ୍ତୁ । ସେ କହିଲେ, ଆସ । ସେଥିରେ ପିତର ନୌକାରୁ ଓହ୍ଲାଇ ଜଳ ଉପରେ ଚାଲି ଯୀଶୁଙ୍କ ନିକଟକୁ ଗଲେ । ମାତ୍ର ସେ ପବନ ଦେଖି ଭୟ କଲେ, ପୁଣି ବୁଡ଼ି ଯାଉ ଯାଉ ଚିତ୍କାର କରି କହିଲେ, ହେ ପ୍ରଭୁ, ମୋତେ ରକ୍ଷା କରନ୍ତୁ । ଯୀଶୁ ସେହିକ୍ଷଣି ହାତ ବଢ଼ାଇ ତାଙ୍କୁ ଧରି କହିଲେ, ହେ ଅଳ୍ପବିଶ୍ୱାସୀ, କାହିଁକି ସନ୍ଦେହ କଲ ?" (ମାଥିଉ ୧୪:୨୫-୩୧) ।

ବେଳେବେଳେ ଆମେ ଟାଣିଥିବା ରେଖାଗୁଡ଼ିକର ବାହାରେ ଈଶ୍ୱର ରଙ୍ଗ ଦିଅନ୍ତି । ହୃଦୟକୁ ଖୋଲି ଦେବାପାଇଁ ଈଶ୍ୱର ମନରେ ଆଘାତ ପହଞ୍ଚାଇଥାଆନ୍ତି ।

ଈଶ୍ୱର ଲିଖିତ ବାକ୍ୟ ଅପେକ୍ଷା ମହାନ୍ ଅଟନ୍ତି । ଯଦିବା ସେ କେବେ ତାଙ୍କ ବାକ୍ୟର ବିରୋଧୀ କାର୍ଯ୍ୟ କରିବେ ନାହିଁ, ତଥାପି ସେ ମୁକ୍ତ ଭାବରେ ତାଙ୍କରି ମାର୍ଗରେ କାର୍ଯ୍ୟ କରନ୍ତି ଓ ତାଙ୍କର ବ୍ୟକ୍ତିତ୍ୱ ସଙ୍ଗେ ସୁସଙ୍ଗତ ଅନେକ କିଛି କରନ୍ତି ଯାହା ଲିଖିତ ବାକ୍ୟରେ ବର୍ଣ୍ଣିତ ହୋଇ ନ ଥାଏ ।

ଆମେ ମଧ୍ୟ ସନ୍ଦେହଯୁକ୍ତ ମନରୁ ଦୂରେଇ ରହିବା ।

"ପୁଣି, କଅଣ ଖାଇବ ଓ କଅଣ ପିଇବ, ତାହା ତୁମ୍ଭେମାନେ ଖୋଜି ବୁଲ ନାହିଁ କିମ୍ବା ଚିନ୍ତିତ ହୁଅ ନାହିଁ" (ଲୂକ ୧୨:୨୯) ।

ଆମେ ମନ ମଧ୍ୟରେ ବିଚଳିତ ହେବା ଅନୁଚିତ ।

"ପ୍ରଭୁଙ୍କ ଦିନ ଉପସ୍ଥିତ ହେଲାଣି ବୋଲି ତୁମ୍ଭେମାନେ କୌଣସି ଆତ୍ମା କି ବାକ୍ୟ କି ଆମ୍ଭମାନଙ୍କ ଦ୍ୱାରା ଲିଖିତ ବୋଲି ମନେ କରି କୌଣସି ପତ୍ର ଦ୍ୱାରା ଶୀଘ୍ର ବିଚଳିତ ଓ ଉଦ୍‌ବିଗ୍ନ ନ ହୁଅ" (୨ ଥେସ ୨:୨) ।

# ପବିତ୍ର ଆତ୍ମାଙ୍କଠାରୁ

ଉତ୍ତେଜନା, ଅନବରତ ଅନୁଭବ ତାଙ୍କ ଆତ୍ମାକୁ ଉତ୍ତପ୍ତ କଲା (ପ୍ରେରିତ ୧୭:୧୬)
ଆତ୍ମା ଦ୍ୱାରା ଚାପରେ ରହିଥିଲେ (ପ୍ରେରିତ ୧୮:୬)
ଆତ୍ମାରେ ବାଧ୍ୟ ହୋଇ (ପ୍ରେରିତ ୨୦:୨୨,୨୩)
ଦୁଃଖିତ ଓ ଆତ୍ମାରେ ତାପିତ (ଯିହି ୩:୧୪)
ଆତ୍ମାଙ୍କ ଅଧିଷ୍ଠାନ (ଯିହି ୧୧:୫)
ଶାନ୍ତି, ସାନ୍ତ୍ୱନା, ବଳ, ବ୍ୟାକୁଳତା, ଇତ୍ୟାଦି

**ଆତ୍ମା**
**(ରୋମୀ ୮:୧୬,**
**ହିତୋ ୨୦:୨୭)**
**ପବିତ୍ର ଆତ୍ମା**

**ଅନୁଭବ (ସ୍ପର୍ଶ)**
**ଦର୍ଶନ**
**ଶ୍ରବଣ**
**ଆସ୍ୱାଦନ**
**ଆଘ୍ରାଣ**

ଛବି (ଆମୋଷ ୭:୧-୮, ୮:୧-୨)
ସ୍ୱପ୍ନ (ଆୟୁବ ୩୩:୧୪-୧୬)
ମୂର୍ଚ୍ଛା (ସମ୍ମୋହ) (ପ୍ରେରିତ ୧୦:୧୦-୧୧)
ଦର୍ଶନ (ଯିହି ୮:୩, ୧୧:୨୪)
ଶରୀର ବାହାରେ (ଯିହି ୩:୧୨,୧୪; ୩୭:୧; ୪୩:୫)
ଆତ୍ମିକ ଚକ୍ଷୁରେ (ଗଣନା ୨୨:୩୧; ଦ୍ୱି.ରାଜା ୬:୧୭)

ଶବ୍ଦ, ବାକ୍ୟ, ଅନୁଚ୍ଛେଦ (ବୁଝିବା), ସୂଚନାର ଝଲକ, ଅବ୍ୟାହତ ବାକ୍ୟ
ଆନ୍ତରିକ ସାକ୍ଷ୍ୟ
ଆନ୍ତରିକ ସ୍ୱର
ଶ୍ରାବ୍ୟ ସ୍ୱର
ଭାବବାଣୀ (ପ୍ରେରିତ ୨୧:୪)
ଦୂତମାନଙ୍କ ଦ୍ୱାରା
ଆତ୍ମାଙ୍କ ଦ୍ୱାରା (ପ୍ରେରିତ ୮:୨୯, ୧୦:୧୯,୨୦)
ମହାଖରତର ଶବ୍ଦ (ଯିହି ୩:୧୨)

# ଶ୍ରବଣ କରିବା




ଆତ୍ମା ଓ ବାକ୍ୟ ଏକମତ (୧ଯୋହନ ୫:୭)

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ୍ର ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

## ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ମନର ବଶୀକରଣ ସେମିନାର

ପ୍ରିୟ ପାଳକବନ୍ଧୁ,

'ମନର ବଶୀକରଣ' ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଓ ମୁକ୍ତକାରୀ ଶିକ୍ଷା ଅନ୍ୟବିଶ୍ୱାସୀମାନଙ୍କ ନିକଟରେ ପହଞ୍ଚାଇବା ଆମର ଆନ୍ତରିକ ଇଚ୍ଛା । ଆପଣଙ୍କ ଅଞ୍ଚଳର ବିଶ୍ୱାସୀମାନଙ୍କର ହିତ ପାଇଁ 'ମନର ବଶୀକରଣ ସେମିନାର' ଯଦି ଆୟୋଜନ କରିବାକୁ ଚାହାନ୍ତି, ତେବେ ଆମ ସଙ୍ଗେ ଯୋଗାଯୋଗ କରନ୍ତୁ ।

ଆମେ ଆମ ସ୍ଥାନୀୟ ମଣ୍ଡଳୀର ଏକ ଦଳକୁ ସେଠାରେ ଶିକ୍ଷା ଦେବାପାଇଁ ପଠାଇବୁ ।

ଅଭିଷେକପ୍ରାପ୍ତ ଶିକ୍ଷା ସାଙ୍ଗକୁ ବିଶ୍ୱାସୀମାନଙ୍କୁ ଆମେ ସାହାଯ୍ୟ କରିବୁ ଯେପରିକି ସେମାନେ ବ୍ୟକ୍ତିଗତ ଭାବରେ ଏସମସ୍ତ ସତ୍ୟକୁ ଗ୍ରହଣ କରିବେ ଓ ଅନୁଭବ କରିବେ । ଆପଣଙ୍କ ନିମନ୍ତ୍ରଣର ଅପେକ୍ଷାରେ,

ଆଶିଷ ସହ ।

ଆଶିଷ୍ ରାଇଚୂର୍

ମନର୍ ବଶୀକରଣ

ଆପଣା ଚିନ୍ତାଧାରାକୁ ପ୍ରଶିକ୍ଷିତ କରି

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :

Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଆମେ ଯେତେବେଳେ ପୁନର୍ଜନ୍ମ ପାଇଲୁ, ଆମର ଆତ୍ମା ହିଁ ନୂତନ ଭାବେ ଜନ୍ମ ନେଲା, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ପୁନଃସୃଜିତ ହେଲା, ଏବଂ ଈଶ୍ୱରଙ୍କ ଜୀବନ ଓ ସ୍ୱଭାବରେ ପରିପୂର୍ଣ୍ଣ ହେଲା । କିନ୍ତୁ ଆମର ମନ ଓ ଶରୀରର ପୁନର୍ଜନ୍ମ ହୋଇ ନ ଥିଲା ।

ଈଶ୍ୱର ଆମ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ଯେପରି କି ଆମେ ବାକ୍ୟଦ୍ୱାରା ଓ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ଆମର ମନକୁ ନୂତନୀକରଣ କରିବା ଓ ଶାରୀରିକ ସ୍ୱଭାବକୁ କ୍ରୁଶାର୍ପିତ କରିବା ।

ଏହି ପୁସ୍ତକରେ ମନର ନୂତନୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିନିମନ୍ତେ କ'ଣ କରାଯିବା ଉଚିତ ଓ କିପରି ତାହା କରିବାକୁ ହେବ । ଏଥିରେ ନିମ୍ନ ପ୍ରସଙ୍ଗସବୁ ଉପରେ ଅଧ୍ୟୟନ ରୂପରେଖ ଦିଆଯାଇଛି ।

❖ ମନ: ବାଇବଲର ଦୃଷ୍ଟିରେ
❖ ମନ: ଏକ ଯୁଦ୍ଧକ୍ଷେତ୍ର
❖ ମନର ନୂତନୀକରଣ
❖ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବିକଶିତ କରିବା
❖ ଆତ୍ମା ଓ ପ୍ରାଣର ସନ୍ତୁଳନ

ଏହି ଅଧ୍ୟୟନ ରୂପରେଖକୁ ବ୍ୟକ୍ତିଗତ ଅଧ୍ୟୟନ, କ୍ଷୁଦ୍ର ଦଳରେ ଆଲୋଚନା ବା ଅଭିଭାଷଣ/ ସେମିନାର୍/ ସଭାସମିତିରେ ଟୀକା ଭାବରେ ବ୍ୟବହାର କରାଯାଇପାରିବ ।

ଆଶିଷ୍ ରାଇଚୁର୍